### ହୋଇପାରିଲାନି ଲୋକ ମହୋତ୍ସବ

# ପଲ୍ଲିଶ୍ରୀ ମେଳାରେ କୋଟିଏ ଟଙ୍କାର ବ୍ୟବସାୟ

**ବଲାଙ୍ଗିର, ୧୪।୨(ସମିସ)**

ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ମହିଳାଙ୍କୁ ବ୍ୟବସାୟ ପାଇଁ ସୁଯୋଗ ଆଣିଥାଏ ଜିଲ୍ଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ଚଳିତ ବର୍ଷ ବଲାଙ୍ଗିର ଜିଲ୍ଲାରେ ଲୋକ ମହୋତ୍ସବ ଆୟୋଜନ ହୋଇପାରି ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବନିର୍ଦ୍ଧାରିତ ତାରିଖ ଅନୁସାରେ କିନ୍ତୁ ପଲ୍ଲିଶ୍ରୀ ମେଳା ଆୟୋଜନ ହୋଇଥିଲା। ବିନା ଲୋକ ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସତ୍ତ୍ୱେ ବ୍ୟବସାୟ ପ୍ରାୟ କୋଟିଏ ଟଙ୍କା ହୋଇଛି। ମାତ୍ର ପାଞ୍ଚ ଦିନରେ ବିଭିନ୍ନ ରାଜ୍ୟ ଓ

**୩୦ ଜିଲ୍ଲା, ୧୨ ରାଜ୍ୟର ବ୍ୟବସାୟୀ**

ଜିଲ୍ଲାରୁ ଆସିଥିବା ଉଦ୍ୟୋଗୀ ମହିଳାମାନେ ଭଲ ବ୍ୟବସାୟ କରିପାରିଥିବା ଜଣାପଡ଼ିଛି।

ଲୋକମହୋତ୍ସବ ନହେବା ସତ୍ତ୍ୱେ ପଲ୍ଲିଶ୍ରୀ ମେଳା ବ୍ୟବସାୟ କୋଟିଏ ଟଙ୍କା ହୋଇଛି। ପଞ୍ଚାୟତିରାଜ, ଓରମାସ, ମିଶନ ଶକ୍ତି ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ପାଞ୍ଚଦିନ ଧରି ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଥିଲା। ପୂର୍ବ ବର୍ଷରେ ଲୋକ ମହୋତ୍ସବ ସମୟରେ ଓରମାସ ପକ୍ଷରୁ ଏହି ଆୟୋଜନ କରାଯାଇଥାଏ। ଚଳିତବର୍ଷ ଲୋକ ମହୋତ୍ସବ ଆଜି ପର୍ଯ୍ୟନ୍ତ ଆୟୋଜନ ହୋଇପାରିନାହିଁ କି ହେବା ଭଳି ମଧ୍ୟ ଜଣାପଡୁନାହିଁ। କେବଳ ପଲ୍ଲିଶ୍ରୀ ମେଳା ଆୟୋଜନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା।

ଏହିକ୍ରମରେ କୋଶଳ କଳା ମଣ୍ଡପଠାରେ ଏହି ମେଳାରେ ୧୯୮ ସ୍ୱୟଂ ସହାୟକ ଗୋଷ୍ଠୀର




୪୦୨ ଜଣ ସଦସ୍ୟ ଭାଗ ନେଇଥିଲେ। ହସ୍ତତନ୍ତ ବସ୍ତ୍ର, ହସ୍ତକଳା, ସୌନ୍ଦର୍ଯ୍ୟକରଣ ସାମଗ୍ରୀ, ମସଲା, ଟେରାକୋଟା ଭଳି ଅନେକ ସାମଗ୍ରୀ ବିକ୍ରୀ କରିଥିଲେ। ରାଜ୍ୟର ସମସ୍ତ ଜିଲ୍ଲା ସହ ପଞ୍ଜାବ, ମହାରାଷ୍ଟ୍ର, ଜମ୍ମୁକାଶ୍ମୀର, ବିହାର, ଛତିଶଗଡ଼, ରାଜସ୍ଥାନ, କର୍ଣ୍ଣାଟକ, ଗୁଜୁରାଟ, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ ଏହିଭଳି ୧୨ଟି ରାଜ୍ୟର ବ୍ୟବସାୟୀମାନେ ଏହି ପଲ୍ଲିଶ୍ରୀ ମେଳାରେ ଭାଗ ନେଇଥିଲେ। ତେବେ ଏହି ପାଞ୍ଚ ଦିନରେ ୯୯ ଲକ୍ଷ ୬୭ ହଜାର ସାତଶହ ଟଙ୍କାର ବ୍ୟବସାୟ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ସ୍ୱାବଲମ୍ବୀ ଓ ଉଦ୍ୟୋଗୀ ମହିଳାଙ୍କ ପାଇଁ ପଲ୍ଲିଶ୍ରୀ ମେଳା ଏକ ବଡ ସୁଯୋଗ ପ୍ରଦାନ କରିଥାଏ। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଏହି ମେଳାକୁ ଆସି କାରିଗରମାନେ ଭଲ ବ୍ୟବସାୟ କରିଥିବାରୁ ଖୁସି ପ୍ରକାଶ କରିଥିଲେ। ଜିଲ୍ଲା ଲୋକ ମହୋତ୍ସବ ଆୟୋଜନ ହେବାକୁ ନେଇ ବିବାଦ ରହିଥିବା ବେଳେ ପଲ୍ଲିଶ୍ରୀ ମେଳା ମିଶନ ଶକ୍ତି ମହିଳାଙ୍କୁ ଭଲ ରୋଜଗାର ଦେଇଛି। ତେବେ ଯଦି ଏହି ସମୟରେ ଜିଲ୍ଲା ଲୋକମହୋତ୍ସବ ଅନୁଷ୍ଠିତ ହୋଇଥାନ୍ତା ତେବେ ନିହାତି ଭାବେ ଆହୁରି ଅଧିକ ବ୍ୟବସାୟ ହୋଇଥାନ୍ତା ବୋଲି ବ୍ୟବସାୟୀମାନେ ମତ ରଖିଥିଲେ।

## ଚୋରି ବାଇକ୍ ଉଦ୍ଧାର, ଚୋର ଗଲାଜେଲ୍

**ମୁରିବାହାଲ, ୧୪।୨(ସମିସ):** ମୁରିବାହାଲ ଥାନା ସଦର ମହକୁମା ଷ୍ଟେସନପଡାରୁ ଚୋରି ହୋଇଥିବା ଏକ ବାଇକକୁ ମୁରିବାହାଲ ପୁଲିସ ଟିଟିଲାଗଡ଼ରୁ ଉଦ୍ଧାର କରିଛି। ଏହି ବାଇକ ଚୋରିରେ ସମ୍ପୃକ୍ତ ଥିବା ଜଣେ ଟିଟିଲାଗଡ଼ ସହର ଦେବନ୍ଧପଡାର ମନ ଆଡ଼ୟୁଆଡ (୩୭)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାଇକଟି ମୁରିବାହାଲ ଷ୍ଟେସନପଡାର ବ୍ୟବସାୟୀ ସୁରେଶ ଶର୍ମାଙ୍କର ବୋଲି ଜଣା ପଡିଛି। ଗତବର୍ଷ ଅଗଷ୍ଟରେ ସଂଘଟିତ ଏହି ମାମଲାରେ ଅଭିଯୁକ୍ତର ଜାମିନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।



### କୁଇବାହାଲ ସକ୍‌ପିଟ୍ ରିଚାର୍ଜ କାମରେ ଦୁର୍ନୀତି

## ସନ୍ଦେହରେ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ

**ତୁରେକେଲା,୧୪।୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତରେ ସକ୍‌ପିଟ ଏଣ୍ଡ ରିଚାର୍ଜ ନିର୍ମାଣ କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ପଞ୍ଚାୟତବାସୀଙ୍କ କହିବାନୁସାରେ, ପଞ୍ଚାୟତ ଅନ୍ତର୍ଗତ କିଛି ଗାଁରେ ଠିକ ଭାବେ କାମ ହୋଇଛି। ଆଉଁ କିଛି ଗାଁରେ ଅଧପନ୍ତରିଆ କାମ କରି ଠିକାଦାର ବିଲ୍ ଉଠାଇଛନ୍ତି। କିଛି ହିତାଧିକାରୀଙ୍କ ଘର ସମ୍ମୁଖୀନରେ ସକପିଟ ଏଣ୍ଡ ରିଚାର୍ଜ ନିର୍ମାଣ ହୋଇ ନ ଥିଲେ ମଧ୍ୟ ତାଙ୍କ ନାଁରେ ବିଲ୍ ଉଠିଥିବା ଅଭିଯୋଗ ହେଉଛି। ଏନେଇ କନିଷ୍ଠ ଯନ୍ତ୍ରୀ ସମ୍ପିତ୍ର ସେଠ, ତାଙ୍କ ପାଖରେ କୌଣସି ତଥ୍ୟ ନଥିବା କହୁଥିବାରୁ ସନ୍ଦେହ ଆହୁରି ବଢିବାରେ ଲାଗିଛି। କନିଷ୍ଠ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ତଦାରଖ କରିବା ପରେ ବିଲ୍ ଫାଇନାଲ କରାଯାଏ; ଯଦି କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ତଥ୍ୟ ନାହିଁ ତେବେ ସେ ତଦାରଖ ନ କରି ବିଲ୍ ହେଲା କି ? ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟସିଂ ମେହେର କହିଛନ୍ତି, ଅନେକ ସ୍ଥାନରେ କାମ ହୋଇନାହିଁ, ଏବେ ବି କାମ ବାକି ରହିଛି। ତେବେ କୁଇବାହାଲ ପଞ୍ଚାୟତ ଅଧୀନରେ ହୋଇଥିବା ସକ୍‌ପିଟ ଏଣ୍ଡ ରିଚାର୍ଜ କାମର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଅସୁରକ୍ଷିତ ଅବସ୍ଥାରେ ତୁଷୁରା କଲେଜ

**ତୁଷୁରା, ୧୪।୨ (ସମିସ):** ତୁଷୁରା ଯୁକ୍ତଦୁଇ କଲେଜରେ ଅସୁରକ୍ଷିତ ଅବସ୍ଥାରେ ୬ଟି କଲେଜର ବୋର୍ଡ ପରୀକ୍ଷାର ପ୍ରଶ୍ନପତ୍ର ରଖାଯିବାର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ୧୭ ତାରିଖରୁ ଆରମ୍ଭ ହେବ। ପରୀକ୍ଷା ପରେ ଏହି ୬ଟି କଲେଜର ଉତ୍ତରଖାତା ମଧ୍ୟ ଏଠାରେ ରଖାଯାଇଥାଏ। ଏହା ଏକ ନୋଡାଲ କଲେଜ ହୋଇଥିବା ବେଳେ ଗୁଡଭେଲା ବ୍ଲକର ତେନ୍ତୁଳିଖୁଣ୍ଟି, ରୁଷୁଡା, ତୋଷାଳୀ, ତୁଷୁରା କଲେଜ ଏବଂ ଦେଓଗାଁ ବ୍ଲକର ଜରାସିଂଘା କଲେଜର ବୋର୍ଡ ପରୀକ୍ଷାର ପ୍ରଶ୍ନପତ୍ର ଏବଂ ପରୀକ୍ଷା ଉତ୍ତରଖାତା ଏହି କଲେଜଠାରେ ରହିଥାଏ। କଲେଜର ଆଗପଟେ ପାଚେରି ସହ ମୁଖ୍ୟ ଗେଟ ଲାଗି ଚକ୍ ଚକ୍ କରୁଛି। ପଛ ପଟେ ଖୋଲା। ପ୍ରାୟ ୪୦୦ ଫୁଟ ପାଚେରି ନାହିଁ। ଯାହାଫଳରେ ଗୋଟିଏ ହବ ସେଣ୍ଟର କଲେଜରେ ଅସୁରକ୍ଷିତ ଭାବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପଡିରହୁଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ କ୍ଷୋଭ କରିଛନ୍ତି। ଏନେଇ ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏହି କଲେଜର




ଭିତ୍ତିଭୂମି ସଜାଡ଼ିବା ଦିଗରେ ଆଖି ବୁଜି ଦେଇଥିବା କୁହାଯାଉଛି। ପ୍ରଶାସନ ଅଣଦେଖା କରି ଆଜି ପର୍ଯ୍ୟନ୍ତ ପାଚେରି ବ୍ୟବସ୍ଥା କି ଝାଟିକୁଟିର ବାଡର ବ୍ୟବସ୍ଥା ମଧ୍ୟ କରିପାରିଲା ନାହିଁ। ଯାହାଫଳରେ ପୁଣି ଅସୁରକ୍ଷିତ ଅବସ୍ଥାରେ ହଜାର ହଜାର ସଂଖ୍ୟାର ୬ଟି କଲେଜ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପଡିରହିବ।

ଅନ୍ୟପକ୍ଷରେ ଏହି କଲେଜ ଭିତରେ ବିଭିନ୍ନ ପ୍ରକାର ଗଛ ଲତା ଲଗାଇଲେ ମଧ୍ୟ ପଛପଟୁ ଗୋରୁଗାଈ, ଛେଳିମାନେ ପଶି ଖାଇ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। କଲେଜ କମିଟି ପକ୍ଷରୁ ବ୍ଲକ ଅଫିସରେ ପାଚେରି ପାଇଁ ଲିଖିତ ଅଭିଯୋଗ କରିଥିଲେ ବ୍ଲକ ପକ୍ଷରୁ କୁହାଯାଇଥିଲା ଏନଏସି ଅଧୀନରେ ଥିବାରୁ ଆମେ ପାଚେରି କରିପାରିବୁ ନାହିଁ। କଲେଜ ପକ୍ଷରୁ ଏନଏସିରେ ମଧ୍ୟ ଅନେକଥର ପାଚେରି ପାଇଁ ଲିଖିତ ଅଭିଯୋଗ କରାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ଏନଏସି ତରଫରୁ ମଧ୍ୟ ପାଚେରି ତିଆରି କରାଯାଇନାହିଁ। ଯାହାଫଳରେ ଅସୁରକ୍ଷିତ ଅବସ୍ଥାରେ ତୁଷୁରା ଯୁକ୍ତ ଦୁଇ କଲେଜ ବା ହବ ସେଣ୍ଟରରେ ପୁଣି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପଡିରହିବ।

## ପୂଜା ଚାଲିଥିବା ବେଳେ ମହୁମାଛି ଆକ୍ରମଣ

**ଖପ୍ରାଖୋଲ, ୧୪।୨(ସମିସ):** ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସରସ୍ୱତୀ ପୂଜା ଚାଲୁଥିବା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ମହୁମାଛି କାମୁଡ଼ାରେ ବିଦ୍ୟାଳୟର ୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଜରିଆରେ ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ବିଦ୍ୟାଳୟ



ପାଖ ସିମୁଳି ଗଛରେ ବସା ବାନ୍ଧିଥିବା ମହୁମାଛିମାନେ ଛାତ୍ରଛାତ୍ରୀଙ୍କୁ ପୂଜା ସମୟରେ ଅତର୍କିତ ଆକ୍ରମଣ କରିଥିଲେ। ଛାତ୍ରଛାତ୍ରୀମାନେ କାନ୍ଦବୋବାଳି କରି ଗୁରୁତର ହୋଇଥିଲେ। ତତ୍କାଳ ଚିକିତ୍ସା ପରେ ଛାତ୍ରଛାତ୍ରୀମାନେ ସୁସ୍ଥ ଥିବା ଜଣାପଡିଛି। ପ୍ରଧାନଶିକ୍ଷକଙ୍କ ଅନୁଯାୟୀ ୬-୭ଜଣ ଛାତ୍ରଛାତ୍ରୀ ଆକ୍ରମଣର ଶିକାର ହୋଇଥିବା ବେଳେ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର

**ଟିଟିଲାଗଡ଼/ସଇଁତଲା, ୧୪।୨ (ସମିସ):** ବୁଧବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୋଧ ଶ୍ରେଣୀର



ସମସ୍ତ ଭାଇଭଉଣୀଙ୍କ ବିଦ୍ୟାରମ୍ଭ ସଂସ୍କାର ପାଳନ ହୋଇଥିଲା। ନିମାଇଁ ଗୁରୁଜୀଙ୍କ ପୌରହିତ୍ୟରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ ତରଙ୍ଗିଣୀ ମହାପାତ୍ର ଯଜ୍ଞକାର୍ଯ୍ୟରେ କର୍ତ୍ତା ଭାବରେ ଉପସ୍ଥିତ ଥିଲେ। ମଦନଜାଲ ନିକଟସ୍ଥ ସର୍ବେଶ୍ୱରୀ ଦୁର୍ଗାମନ୍ଦିରରୁ ଆଜ୍ଞାମାଳ ନେଇ ଶତାଧିକ ଅଭିଭାବକ ଅଭିଭାବିକାମାନେ ଏକ ଶୋଭାଯାତ୍ରା ସହିତ ବିଦ୍ୟାଳୟକୁ ଆଗମନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ରଥଙ୍କ ଦ୍ୱାରା ଶିଶୁବାଟିକା ବିଭାଗର ଉଦ୍ୟାନ ଉଦ୍‌ଘାଟନ ହୋଇଥିଲା। ବିଦ୍ୟାଳୟର ସଭାପତି ଜ୍ୟୋତିପ୍ରକାଶ ଗଡତ୍ୟା, ସମ୍ପାଦକ



ଡମ୍ବୁରୁଧର କର୍ମୀ, ବିଶିଷ୍ଟ ଶିକ୍ଷାବିତ୍ ବିରେନ୍ଦ୍ର ମହାପାତ୍ର, ସହ ପ୍ରଧାନଆଚାର୍ଯ୍ୟ ନୃପରାଜ ସେଠ ଓ ଅନ୍ୟାନ୍ୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ସଇଁତଲାସ୍ଥିତ ବଡ଼ମାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା ସହ ମାତୃପିତୃ ପୂଜନ ପ୍ରଧାନଆଚାର୍ଯ୍ୟ ସରୋଜ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ଫିରୋଜ କୁମାର ବର୍ଗର୍ତ୍ତି, ସଭାପତି ବିଦୁରରାମ ନାଗ, ବବିତା ସାହୁ, ନିରଞ୍ଜନ ଘିଭେଲା, ହରେକୃଷ୍ଣ ବର୍ଗର୍ତ୍ତି ଉପସ୍ଥିତ ଥିଲେ। ଆଚାର୍ଯ୍ୟ ଜିତେନ୍ଦ୍ରିୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟ ପ୍ରମୋଦ ସାଇଁ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ପ୍ରାୟ ୨୦୦ ଅଭିଭାବକ-ଅଭିଭାବିକା ଉପସ୍ଥିତ ଥିଲେ।

## ବିଜେଡିର ନଗରସ୍ତରୀୟ ଯୁବ ଦଳିତ ସମାବେଶ



**ବଲାଙ୍ଗିର, ୧୪।୨(ସମିସ):** ବଲାଙ୍ଗିର ବିଜୁ ଜନତା ଦଳ ତରଫରୁ କଲେଜଛକସ୍ଥିତ କଲ୍ୟାଣ ମଣ୍ଡପରେ ନଗରସ୍ତରୀୟ ଏକ ଯୁବ ଦଳିତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବ ଦଳିତ ସଂଗଠକ ଆକାଶ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ତଥା ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା

**ଯୋଗଦେଲେ ଶତାଧିକ ଯୁବକ**

ଲିକା ସାହୁ, ବିଜେଡି ନଗର ସଭାପତି ତଥା ୱାର୍ଡ ନଂ ୭ କାଉନସିଲର ଶମ୍ଭୁ ନାଗ, ୱାର୍ଡ ନଂ ୧୦ କାଉନସିଲର କିଶୋର କୁମ୍ଭାର, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଜିଲ୍ଲା ଦଳିତ ସମାଜ ଆବାହକ ବିଜୟ ବାରିକ ଓ ସମାଜସେବୀ ପାଣ୍ଡବ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଶତାଧିକ ଦଳିତ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଥିବା ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଦଳିତ ସମାଜର ଏକ ଆମ୍ବେଦକର ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଦଳିତ ସମାଜ ପାଇଁ ଆମେ ସମର୍ପିତ ହୋଇ କାମ କରିବୁ ବୋଲି କଳିକେଶ କହିଥିଲେ। ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ କହିଥିଲେ ଯେ ସେ ବ୍ୟକ୍ତିଗତ ଭାବେ ଦଳିତ ସମାଜ ସହିତ ଯୋଡି ହୋଇ ରହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେମାନଙ୍କ ସହ ପୂର୍ଣ୍ଣପ୍ରାଣରେ ରହିବେ। ଈଶ୍ୱର ନନ୍ଦ, ସ୍ୱାଧୀନ ନନ୍ଦ, ନବୀନ ବାଗ, ରାଜା ନାଗ ଓ ଜୀତେନ ଦୀପ ସହଯୋଗ କରିଥିଲେ।

## ପ୍ରେମ ଦିବସରେ ପ୍ରେମୀଯୁଗଳଙ୍କ ରକ୍ତଦାନ

**ତୁରେକେଲା,୧୪।୨(ସମିସ):** ଫେବୃଆରୀ ୧୪ ପ୍ରେମ ଦିବସ। ଚାରିଆଡେ ପ୍ରେମ ଦିବସ ପାଳନ କରାଯାଇଛି। ଏହାକୁ ସ୍ମରଣୀୟ କରିବାକୁ କିଏ ତାରକା ହୋଟେଲରେ ନିଜ ବାନ୍ଧବୀ ସହ ସମୟ ବିତାଉଛି ତ ଆଉ କିଏ ପାର୍କ,




ସିନେମା ହଲରେ ସମୟ ବିତାଇ ଏହି ଦିନକୁ ପାଳନ କରୁଛି। କଣ୍ଟାବାଞ୍ଜି ସହରରେ ନିଆରା ଢଙ୍ଗରେ ପାଳନ କରାଯାଇଛି ପ୍ରେମ ଦିବସ। ହରିଭବନଠାରେ ହମାରେ ପଡୋଶୀ ରୋଡ ନମ୍ବର ୩ ପକ୍ଷରୁ ଏହି ଦିନକୁ ନିଆରା ଢ଼ଙ୍ଗରେ ପାଳନ କରାଯାଇଛି। ଏକ ରକ୍ତଦାନ ଶିବିରରେ ସ୍ୱାମୀ-ସ୍ତ୍ରୀ ସହ ପ୍ରେମୀଯୁଗଳମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ମେଡିକାଲ ଅଫିସର ଡାକ୍ତର ଏସ୍‌ଡି ପଣ୍ଡା, ଡାକ୍ତର ପଙ୍କଜ ସିଂ ଯୋଗ ଦେଇଥିଲେ। ସଂଗଠନ ସଭାପତି ଆନନ୍ଦ ମୋଟେଙ୍କ ସହ ମୋନିକା ମୋଟେ, ଗୋବିନ୍ଦ ଖଣ୍ଡେଲୱାଲ, ରୁଚି ଖଣ୍ଡେଲୱାଲ, ଦିନେଶ ଜିନ୍ଦଲ, ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀର ମମତା ଡାଡମିଆ, ସଙ୍ଗିତା ଖରବାଳିଆ, ଶିଖା ଖଣ୍ଡେଲୱାଲ, ବିଜେତା ଅଗ୍ରୱାଲ, ସନ୍ତୋଷୀ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ପଟ୍ଟନାୟକ ରକ୍ତଭଣ୍ଡାର କର୍ମଚାରୀ କୁନାଳ ଦାସ, ଶିବ ସାହୁ, ପ୍ରଶାନ୍ତ ସାହୁ, ଗଜପତି ବେହେରା, ଗୁରୁବାରୁ ରଣା ସହଯୋଗ କରିଥିଲେ।

## ସଇଁତଲା ବ୍ଲକ୍‌ରେ ଲକ୍ଷ୍ମୀ ବସ୍‌ର ଶୁଭାରମ୍ଭ

**ସଇଁନ୍ତଲା, ୧୪।୨(ସମିସ):** ସଇଁତଲା ବ୍ଲକରେ ଲକ୍ଷ୍ମୀ ବସ ସେବା ଶୁଭାରମ୍ଭ ହୋଇଯାଇଛି। ବ୍ଲକ



କାର୍ଯ୍ୟାଳୟରେ ପୂଜାର୍ଚ୍ଚନା ପରେ ବିଡିଓ ବିନୟ ଭୋଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ବସ ବ୍ଲକ ଅଫିସରୁ ବାହାରି ବିବିନା, ଭଦ୍ରା, କୁଇକେଡ଼ା ଗଣ୍ଡପତ୍ରାପାଲି, ଧରପଗଡ଼, ଶିଶକେଲା, ବେଲଗାଁ ଘୁନସର ରାସ୍ତାରେ ଯାତାୟାତ କରିଥିବା ବେଳେ ଅନ୍ୟ ବସଟି ଜୁରାବନ୍ଧ, ଟିକ୍ରାପଡା, ଝିକୁଡୁଙ୍ଗୁରି, କରମତଲା, କୁମ୍ଭାରୀ, ତାଳବାହାଲ, ଡେଙ୍ଗ ପଞ୍ଚାୟତ ରାସ୍ତା ଦେଇ ସଇଁତଲା ବ୍ଲକ ଅଫିସକୁ ଗଡ଼ିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ବସଟି କନ୍ଦକେଲଗାଁ, ବୁଢ଼ାବାହାଲ, କେରମେଲି, ଆମ୍ବପାଲି, ଡୁଙ୍ଗୁରିପାଲି, କଅଁସର ପଞ୍ଚାୟତ ରାସ୍ତା ଦେଇ ସଇଁତଲା ସହରକୁ ଯାତାୟାତ କରିବ ବୋଲି ବିଡିଓ ଶ୍ରୀ ଭୋଇ ସୂଚନା ଦେଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଭାନୁପ୍ରତାପ ଭୋଇ, ସରୋଜ ସାହୁ, ସଂଗ୍ରାମ ମିଶ୍ର, ନେହେରୁ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ପତ୍ରକାର ସଂଘର କର୍ମକର୍ତ୍ତା ଚୟନ

**ତୁରେକେଲା,୧୪।୨(ସମିସ):** କଣ୍ଟାବାଞ୍ଜି ଆଲିସାନ ହୋଟେଲରେ ସ୍ଥାନୀୟ ସାମ୍ବାଦିକଙ୍କୁ ନେଇ ଓଡ଼ିଶା ପତ୍ରକାର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ରାମଦାସ ଲିମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବଲାଙ୍ଗିର ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଛି। ଜିଲ୍ଲା ସଭାପତି ତୁଳସୀରାମ ଜଗତ, ଜିଲ୍ଲା ସମ୍ପାଦକ ରାକେଶ ସରାଫ ଏବଂ ଜିଲ୍ଲା କୋଷାଧ୍ୟକ୍ଷ ମୋହନ ସୁନାଙ୍କୁ ମନୋନୀତ କରାଯାଇଛି। ଗ୍ରାମାଞ୍ଚଳର କାର୍ଯ୍ୟରତ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିବା ବେଳେ ସାଧାରଣ



ଜନତାଙ୍କ ସମସ୍ୟାକୁ ନେଇ ପ୍ରଶାସନ ନଜରକୁ ଆଣି କେମିତି ସମାଧାନ ରାସ୍ତା ବାହାର କରାଯିବ ସେନେଇ ସାମ୍ବାଦିକମାନେ ମତ ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ଗୌରୀଶଙ୍କର ପଟ୍ଟନାୟକ, ଶିବପ୍ରସାଦ ପାଢ଼ୀ, ସାମ୍ବାଦିକ ଯୁଗଳକିଶୋର ଶବର, ଯୁବସାମ୍ବାଦିକ ରୋହନ ମହତ, ରାଜେନ୍ଦ୍ର ଦୀପ, ମିନିକେତନ ନିଆଲ, ସୁମନ ମହତ ଉପସ୍ଥିତ ଥିଲେ।




# ସିସିଏଫ୍‌ଏ ରାଜ୍ୟସ୍ତରୀୟ ଫୁଟବଲ: ବଲାଙ୍ଗିର ବିଜୟୀ

**ବଲାଙ୍ଗିର, ୧୪।୨(ସମିସ)**

ସିସିଏଫଏ କଲେଜ ଛକ ବଲାଙ୍ଗିର ଆନୁକୂଲ୍ୟରେ ଦ୍ୱିତୀୟ ସିସିଏଫଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମିଶନ ହାଇସ୍କୁଲ ପଡ଼ିଆରେ ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ସିସିଏଫ୍‌ଏ ସଭାପତି ସୁରେନ୍ଦ୍ର ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବେ ସମ୍ବଲପୁର ଧର୍ମାଞ୍ଚଳ କୋଷାଧ୍ୟକ୍ଷ ପ୍ରମୋଦ ବାରିକ ଓ ସୁପରିନଟେଣ୍ଡାଣ୍ଟ ଲୋୟର ସୁକତେଲ ଇଂ ସୁରେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡା ସଂସଦର ପୂର୍ବତନ ଫୁଟବଲ ସମ୍ପାଦକ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ସିସିଏଫ୍‌ଏ ବଲାଙ୍ଗିର ୧-୦ ଗୋଲରେ ବିଏନ୍‌ଏଏ ଜରାସିଂହା ଦଳକୁ ହରାଇ ବିଜୟୀ ହୋଇଥିଲେ। ଖେଳକୁ ରେଫରି ଭାବରେ ଜଳନ୍ଧର ସାହୁ, ଜିତୁ ଦଳେଇ, ଉମେଶ ଭୋଇ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ। ସୁଦୟ ବାରିକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଖେଳାଳି ସୁବାସ ନାଗ, ବିରେନ୍ଦ୍ର ସୁନା, ଶ୍ରୀକାନ୍ତ ରାଉତ ଓ ପ୍ରଦୀପ ମହାରଣାଙ୍କୁ ଅତିଥିଗଣ ଉପଢୌକନ



ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସିସିଏଫ୍‌ଏ କ୍ଲବର ଉପସଭାପତି ଗମନିଏଲ ନାଗ, ସମ୍ପାଦକ ହେମନ୍ତ ବେହେରା, ଯୁଗ୍ମ ସମ୍ପାଦକ ସରଜୁ ନାଗ, ପରିଚାଳନା କମିଟି ସଦସ୍ୟ ଶାନ୍ତନୁ ନାଗ, ପୃଥେଶ୍ୱର ନାଗ, ବରିଷ୍ଠ ସଦସ୍ୟ ଶ୍ରୀଧର ସେଠ, ପ୍ରଦ୍ୟୁମ୍ନ ନନ୍ଦ, ଜୀବନ ସୁନା, ବିଦ୍ୟୁତ କୁମାର, ଜ୍ଞାନରଞ୍ଜନ ସୁନା, କୈଳାସଚନ୍ଦ୍ର କର୍ତ୍ତି, ଅବଦୁଲ ମୁଜିବ, କୁନା ବାଗ, ବିରାଜ ଇସମାଇଲ ସୁନା, ଧରିତ୍ରୀ ବାଗ, ଆରଜୁ ନାଗ, ସୁଶୋଭିତ ସାଗର ପ୍ରମୁଖ ସହଯୋଗ କରିଥିଲେ। ୧୫ ତାରିଖ ଗୁରୁବାର ସମ୍ବଲପୁର ଦଳ ଓ ସିସିଏଫଏ ବଲାଙ୍ଗିର ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳ ହେବ ବୋଲି ଆୟୋଜନ କମିଟି ସମ୍ପାଦକ ହେମନ୍ତ ବେହେରା ସୂଚନା ଦେଇଛନ୍ତି।

Skilled in ODISHA

**ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୩-୨୪**

**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକାରୀଙ୍କ ଆନୁକୂଲ୍ୟରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, କଟକଙ୍କ ଦ୍ୱାରା ଜିଲ୍ଲା ପ୍ରଶାସନ କଟକଙ୍କ ସହଯୋଗରେ ଆସନ୍ତା **ତା.୧୬.୦୨.୨୦୨୪ରିଖ (ଶୁକ୍ରବାର)** ଦିନ ବାଙ୍କୀ ବ୍ଲକ୍ କଚେରୀ ପଡ଼ିଆ, ବାଙ୍କୀ ଓ **ତା.୧୭.୦୨.୨୦୨୪ରିଖ (ଶନିବାର)** ଦିନ ନିଶ୍ଚିନ୍ତ କୋଇଲି ବ୍ଲକ୍ ନିକଟ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ଷୁଦ୍ର ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତି ଦାତାମାନେ ଯୋଗଦେବେ। ନିଯୁକ୍ତ ଦାତାଙ୍କ ମଧ୍ୟରୁ କେତେକ ନିଯୁକ୍ତିଦାତା ସିଧାସଳଖ ନିଯୁକ୍ତି ଦେବେ ଓ ଆଉ କେତେକ ନିଯୁକ୍ତି ଭିତ୍ତିକ ତାଲିମ୍ ପରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା ରହିଛି ।

ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଥିବା ପଞ୍ଚମ ଶ୍ରେଣୀଠାରୁ +୩ ପାସ୍, ଆଇ.ଟି.ଆଇ. ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ ବର୍ଷ ମଧ୍ୟରେ ଇଚ୍ଛୁକ ଥିବା ପ୍ରାର୍ଥୀ / ପ୍ରାର୍ଥିନୀମାନେ ଅଂଶଗ୍ରହଣ କରିପାରିବେ।

ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ ଓ ନିଜର ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ **ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୩ ଘଟିକା** ମଧ୍ୟରେ ଯୋଗଦେଇ ନିଯୁକ୍ତିର ସୁଯୋଗ ନେବାକୁ ଅନୁରୋଧ।

**ପ୍ରକାଶ ଥାଉକି : ଏହି ସୁଯୋଗ ସରକାରୀ ଚାକିରୀ ନିମନ୍ତେ ଉଦ୍ଦିଷ୍ଟ ନୁହେଁ।**

ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ, କଟକ | ଜିଲ୍ଲା ପ୍ରଶାସନ, କଟକ

**ଯୋଗାଯୋଗ: ୦୬୭୧-୨୩୬୦୦୭୭**

## ଗୋତମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲଡୁଗାଁ, ୧୪ ।୨(ସମିସ):** କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ଆଜି ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଛି । ଉପାନ୍ତ ଅଞ୍ଚଳରେ ଶିକ୍ଷାର ପ୍ରଦୀପକୁ ପ୍ରଜ୍ୱଳିତ କରିବାରେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ଉଦ୍ୟମ ପ୍ରଶଂସନୀୟ । ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଶିକ୍ଷାର ଭିତ୍ତିଭୂମି ବିକାଶ ଦିଗରେ ଅଞ୍ଚଳକୁ ପ୍ରାଧାନ୍ୟତା ମିଳିଛି । ଦିନେ ଶିକ୍ଷା କ୍ଷେତ୍ରରେ ପଛରେ ଥିବା ବ୍ଲକ ଆଜି ଶିକ୍ଷା କ୍ଷେତ୍ରରେ ସଫଳତାର ସୋପାନ ଅତିକ୍ରମ କରିଛି । ଗୋତମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଶିକ୍ଷାବିତ ଓ ଜନ ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ । ବୁଧବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟ ବକ୍ତା ଭାବେ ବେହେରା ଲଖିରାମ ମାଧ୍ୟମିକ



ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଡ. ନିର୍ମଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ସଞ୍ଜୀବ ପାଢ଼ୀ, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପୂଝାରୀ, ସମିତି ସଭ୍ୟା ଶାମୁକା ନାଏକ, ସିଆରସି ଅଜୟ ମାଝୀ ଉପସ୍ଥିତ ଥିଲେ । ଏହି ଅବସରରେ କୋକସରା ବ୍ଲକର ଖବରଦାତା ସନତ ପ୍ରଧାନୀ ଓ ଯୁବ ସାମ୍ବାଦିକ ଦୁଷ୍ମନ୍ତ ପାଟଯୋଶୀଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ସ୍କୁଲର ପ୍ରଧାନ ଶିକ୍ଷକ ମନୋଜ ମାଝୀ ସଭାପତିତ୍ୱ କରିଥିଲେ । ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ତପନ ମାଝୀ, ସୁଜିତ ସାହୁ, ନିମାଇଁ ଚରଣ ବିଶ୍ୱାଳ, ସୁମନ୍ତ ନାୟକ, ଜିତାମିତ୍ର ମାଝୀ, ଜୟ କିଶନ ମେହେର, ବଳରାମ ସେଠି, ଶଙ୍କର ବେହେରା, ମିଳନ ରାଉତ, ସୌଦାମିନୀ ଦାସ, ଦୀପ୍ତିମୟୀ ବାଗ ପ୍ରମୁଖ ସହଯୋଗ କରିଥିଲେ ।

# ବିକାଶର ଗାଥା କହୁଛି 'ଆମ ଓଡ଼ିଶା ନବୀନ ଓଡ଼ିଶା'










**ବେହେରା, ୧୪ ।୨(ସମିସ)**

ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ସାନକେନ୍ଦୁ ଗୁଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଗୌଲୋଚନ ଗୋପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମୈଷଧି ବାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ତିପିଗୁଡ଼ା ସରପଞ୍ଚ ହାତିରାମ୍ ଦୁର୍ଗା, ଧର୍ମଗଡ଼ ବ୍ଲକ ବିଜେଡି ସଭାପତି ଟିକମନ ଯାଦବ, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ଗୌରଚନ୍ଦ୍ର ବାଗ, ନିର୍ମଳ ଗୋପାଲ, ଅଶୋକ ବାଗ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ପ୍ରମୁଖ ଯୋଗ ଦେଇଥିଲେ । ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯିବା ସହ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଧାରା ମାଧ୍ୟମରେ ଏକ ବିକଶିତ ଓଡ଼ିଶା ଗଠନ ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅତିଥିଗଣ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ପରିପ୍ରେକ୍ଷୀରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ ଖୋଲା ଯାଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଦଣ୍ଡପାଟ ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ ସୁବାସ ବାଗ, କାମେଶ ରଞ୍ଜନ ନାଗ, ଦିଲୀପ ଦୁରିଆ, ଶୋଭିତ ଗାନ୍ଧୀ, ପଦ୍ମଲୋଚନ ବେମାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଖିରସିନ୍ଧୁ ବାଣୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଟେଣ୍ଡାପାଲି ଯୋଗାଣ ସହାୟକ କିରଣ ଗୋପାଲ, ଗ୍ରାମ ରୋଜଗାର ସେବକ ଡିଙ୍ଗର ପୋଡ ପ୍ରମୁଖ ସହଯୋଗ କରିଥିଲେ ।

**କେସିଙ୍ଗା :** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ପଞ୍ଚାୟତର ରେଙ୍ଗାଲି ଗ୍ରାମର ଖେଳ ପଡ଼ିଆରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଉଦ୍‌ଘାଟନ କରିଥିଲେ । ପଞ୍ଚାୟତରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ବିବରଣୀ ଉପସ୍ଥାପନ କରାଯାଇଥିଲା । ସନ୍ଧ୍ୟା ଅଧିବେଶନରେ ବିଭିନ୍ନ ଅନୁଷ୍ଠାନ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଖାଦ୍ୟ ଯୋଗାଣ ସହ ଅଧିକାରୀ ସୁଶାନ୍ତ ସ୍ୱାଇଁ, ସରପଞ୍ଚ ଭାରତୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

**ଧର୍ମଗଡ଼:** ଧର୍ମଗଡ଼ ବ୍ଲକ ଟିପିଗୁଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ତହସିଲଦାର ସଞ୍ଜୟ ସାମନ୍ତରାୟ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଶିକ୍ଷକ ତ୍ରିଲୋଚନ ବାଗ, ଶିକ୍ଷୟିତ୍ରୀ ରାଜକୁମାରୀ ଦୁର୍ଗା, ଟିପିଗୁଡା ସମିତିସଭ୍ୟା ଲତିକା ବାଗ, ନନ୍ଦ ଗାଁ ସରପଞ୍ଚ ପ୍ରତିନିଧି ଭବାନୀ ବଣିଆ ଯୋଗ ଦେଇଥିଲେ । ସମସ୍ତ ସରପଞ୍ଚ, ମିଶନ ଶକ୍ତି ମହିଳା, ୱାର୍ଡମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ, ରାଜ୍ୟ ସରକାରଙ୍କ ପ୍ରୟାସ ଓ ପଞ୍ଚାୟତସ୍ତରୀୟ ସଚେତନତା ସମ୍ପର୍କରେ ଅତିଥିମାନେ ନିଜ ନିଜ ମନ୍ତବ୍ୟରେ ପରିପ୍ରକାଶ କରିଥିଲେ । ସାମ୍ବାଦିକ କ୍ରିଷ୍ଣା ଦାସ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ସରପଞ୍ଚ ହାତୀରାମ ଦୁର୍ଗା ସଭାପତିତ୍ୱ କରିଥିବାବେଳେ ଗ୍ରାମ ରୋଜଗାର ସେବକ ଅରୁଣ ଦୁର୍ଗା, ତେଜନ ଦୁର୍ଗା ପ୍ରମୁଖ ସହଯୋଗ କରିଥିଲେ ।

## ଡଙ୍ଗରୀଗୁଡ଼ାରେ ନାମଯଜ୍ଞ

**କୋକସରା,୧୪ ।୨(ସମିସ):** ଡଙ୍ଗରୀଗୁଡା ଖେଳ ପଡ଼ିଆରେ ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଉଛି । ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘର ପ୍ରୟାସରେ ଏହି ବିଶାଳ ନାମଯଜ୍ଞ ଆୟୋଜିତ ହେଉଛି । କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ତଥା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ସମେତ ଏଥିରେ ୧୩ଜଣ କର୍ତ୍ତା ସସ୍ତ୍ରୀକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଗତ ୧୦ ତାରିଖରୁ ଏହି ନାମଯଜ୍ଞ ଆରମ୍ଭ ହୋଇଛି ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



**ଭବାନୀପାଟଣା, ୧୪ ।୨(ସମିସ):** ଭବାନୀପାଟଣାସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ଆବାସିକ ବିଦ୍ୟାଳୟ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ 'ଲହ୍ମେ' ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଏକାଡେମିକ ଇନଚାର୍ଜ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟ ଡି. ପଦ୍ମିନୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ ଏବଂ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦ୍ୱିତୀୟ ବର୍ଷର ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା ।

## ପ୍ରାଚୀର ପତ୍ରିକା 'କମଳ କଳିକା' ଉନ୍ମୋଚିତ



**ରୂପ୍ରାରୋଡ, ୧୪ ।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ ପ୍ରାଚୀର ପତ୍ରିକା 'କମଳ କଳିକା' ଉନ୍ମୋଚିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବୁଦ୍ଧ ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଆଚାର୍ଯ୍ୟ ଲିଙ୍ଗରାଜ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉନ୍ମୋଚନ କରିଥିଲେ । ପ୍ରାଚୀର ପତ୍ରିକାର ସମ୍ପାଦକ ଆଚାର୍ଯ୍ୟ ଜୟଦେବ ପୋଢ଼, ରୂପ ସଜ୍ଜା କରିଥିବା ଆଚର୍ଯ୍ୟା ସ୍ମରଣିକା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଅଜୟ ନାଏକ, ଅଭିଭାବକ କିଶୋର ନାଏକ, ତ୍ରିଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## କେସିଙ୍ଗା ଏନ୍‌ଏସିର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ



**କେସିଙ୍ଗା, ୧୪ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ପ୍ରଣବ ଚାନ୍ଦ ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ଆଗରୁ ଶ୍ରୀ ଚାନ୍ଦ ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବିଡ଼ିଓ ଥିଲେ ।

# କୋକସରା ଡାକ୍ତରଖାନା ପରିଦର୍ଶନରେ କାୟାକଳ୍ପ ଟିମ୍

**କୋକସରା, ୧୪ ।୨(ସମିସ):** ରାଜ୍ୟ କାୟାକଳ୍ପର ଏକ ୩ ଜଣିଆ ଟିମ୍ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ରାଜ୍ୟରୁ ଆସିଥିବା ଏହି ଟିମରେ ଡାକ୍ତର ସତ୍ୟ ନାରାୟଣ ସାମଲ, ସୁନିତା ଜେନା, ତିରୁପତି ମିଶ୍ର ପ୍ରମୁଖ ରହିଥିଲେ । ତାଙ୍କ ସହ ଜିଲ୍ଲାରୁ ରୀତା ନାଏକ, ମଳୟ ସେନ ଓ ଅନନ୍ତ ପଣ୍ଡା ପ୍ରମୁଖ ପରିଦର୍ଶନରେ ଆସିଥିଲେ । ଏହି ଟିମ୍ ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁସଙ୍ଗିକ ସୁବ୍ୟବସ୍ଥା ସହ ସ୍ୱଚ୍ଛତା, ପରିବେଶ ପରିଚ୍ଛନ୍ନତା, ପିଇବା ପାଣି, ଔଷଧ ଭଣ୍ଡାର ଏବଂ ଡାକ୍ତରଖାନାର ବିଭିନ୍ନ ବିଭାଗକୁ ତଦାରଖ କରିଥିଲେ । ତେବେ ବର୍ଜ୍ୟବସ୍ତୁ ପରିଚାଳନା ବିଭାଗ



ବନ୍ଦ ଥିବାରୁ ତାଗିଦ୍ କରିଥିଲେ । ଏଥି ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାଗଜପତ୍ର ଯାଞ୍ଚ କରି ଡାକ୍ତରମାନଙ୍କ ସହ ଆଲୋଚନା କରି ଟିମ୍ ଫେରିଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଭିଷେକ ବେହେରା, ଦେବେନ୍ଦ୍ର ମାଝୀ, ପ୍ରତାପ ତ୍ରିପାଠୀ, ବିପିଏମ୍‌ଓ ସୁଜିତ୍ ସିଂ, ପିଏଚିଇଓ ସର୍ମିଳା ଛତ୍ରିଆ, ହିସାବ ଅଧିକାରୀ ବିଶ୍ୱଭୂଷଣ ପ୍ରଧାନୀ, ବିଡିଏମ୍ ଆଜାଜ୍ ଅହମଦ୍, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡାମାଝୀ ପ୍ରମୁଖ କାୟାକଳ୍ପ ଟିମ୍ ସଦସ୍ୟଙ୍କୁ ସ୍ୱାଗତ୍ କରିବା ସହ ଡାକ୍ତରଖାନାକୁ ବୁଲି ଦେଖାଇଥିଲେ ।

## ଜାତୀୟ ସେବା ଯୋଜନାର ସମୀକ୍ଷା ବୈଠକ



**ଭବାନୀପାଟଣା, ୧୪ ।୨(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପ୍ରଭାଗ ଆନୁକୂଲ୍ୟରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ଅଫିସ ଆସିଷ୍ଟାଣ୍ଟଙ୍କୁ ନେଇ ଏକ ଦିନିକିଆ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଏନ୍‌ଏସ୍‌ଏସ୍ ପାଣ୍ଠିର ବ୍ୟୟ ଏବଂ ବିଭିନ୍ନ ନିୟମିତ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ କୁଳପତି କର୍ଣ୍ଣେଲ୍ ପ୍ରଫେସର ସଞ୍ଜୟ ଶତପଥୀ ସଭାପତିତ୍ୱ କରିଥିଲେ । ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଶେଷରେ ନୂଆପଡ଼ା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରଣତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**● ରିଷିଡ଼ା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

## କନ୍ଧମାଳକୁ ହରାଇ ତୁଷୁରା ଚମ୍ପିଅନ

**କର୍ଲାମୁଣ୍ଡା, ୧୪ ।୨(ସମିସ):** ସ୍ଥାନୀୟ ବାପୁଜୀ ମିନିଷ୍ଟାଡିୟମରେ ଚାଲିଥିବା ରିଷିଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । କନ୍ଧମାଳ ସ୍ପୋର୍ଟ୍ସ ହଷ୍ଟେଲ ଓ ତୁଷୁରା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ୨/୦ ଗୋଲରେ ତୁଷୁରା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ନର୍ଲା ବିଧାୟକ ଭୁପିନ୍ଦର ସିଂ, ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା,



ରିଷିଡା ସରପଞ୍ଚ ସେବତୀ ରଣା, ରିଷିଡା ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଯୁବ ଉଦ୍ୟୋଗପତି ଶିବ ଲାଲ କେଡ଼ିଆ, ଯୁବ ନେତା ଦଲଜିତ ସିଂ, ଗଜବାହାଲ ପଞ୍ଚାୟତ ସରପଞ୍ଚ ଅରବିନ୍ଦ ଗହୀର, ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ସଭାପତି ନରୋତ୍ତମ ସେଲମା ପ୍ରମୁଖ ଯୋଗ ଦେଇଥିଲେ । ସୌମ୍ୟ ରଞ୍ଜନ ତ୍ରିପାଠୀ, କୋଷାଧ୍ୟକ୍ଷ ଲିପୁନ ରଣା, ରଞ୍ଜନ ନାଏକ, ବୁଲୁ ଭୋଇ, କୈଳାସ କୁମୁରା, ସୋନୁ ରଣା, ସତ୍ୟ ନାରାୟଣ କୁମାର, ବବଲୁ ଦଣ୍ଡସେନା, ଆଶୁତୋଷ ଦାସ, ବାପି ସେଠ ପ୍ରମୁଖ ସହଯୋଗ କରିଥିଲେ । ନବୀନ ନାଏକ, ଲଳିତ ସାହୁ, ଲଳିତ ଦାସ, ସନ୍ଦୀପ ତରାଇ, ଲିପୁ ସେଠ, ମଧୁସୂଦନ ବାଗ ଓ କମ୍ବୁପାଣି ସାହୁ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଥୁଆମୂଳ ରାମପୁର, ୧୪ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ତଳଝାପିରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତଳଝାପି ପଞ୍ଚାୟତ ସରପଞ୍ଚ ସୋଭାସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ମାଝୀ, ମୁଖ୍ୟ ବକ୍ତା ଭାବେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା ମାଝୀ, ସମିତି ସଭ୍ୟା ଶାନ୍ତି ମାଝୀ, ବ୍ଲକ ସହକାରୀ ଯନ୍ତ୍ରୀ ଦିଲୀପ ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, କନିଷ୍ଠ ଯନ୍ତ୍ରୀ ପ୍ରତାପ ସାହୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ଏସବୁ ଯୋଜନା ମାଧ୍ୟମରେ ଜନସାଧାରଣ କିଭଳି ସୁବିଧା ପାଇ ଉପକୃତ ହେଉଛନ୍ତି ଏ ନେଇ ଜନସାଧାରଣଙ୍କୁ ଅବଗତ କରାଇଥିଲେ ।ଏ ହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ ପରିବେଷଣ କରିଥିଲେ । ସେମାନଙ୍କୁ ସମ୍ମାନିତ କରିବା ସହିତ ପୁରସ୍କୃତ କରାଯାଇଥିଲା । ଏଥିସହିତ ଆଦର୍ଶ ଶିକ୍ଷକ ଭାବେ ଅମରସିଂ ମାଝୀ, ଅଙ୍ଗନବାଡି ରଶ୍ମିତା ନାଏକ, ଆଶାକର୍ମୀ ସତ୍ୟବତୀ ନାଏକ, ଶ୍ରେଷ୍ଠ ଏସ୍.ଏଚ୍.ଜି ଭାବେ ବିଷମଗିରିର ମା ମାଣିକେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସି.ଆର୍.ପି ସୁନିତା ନାଏକ, ଏମ୍.ବି.କେ ଭାବେ ଦମୟନ୍ତୀ ନାଏକ, ଶ୍ରେଷ୍ଠ ଚାଷୀ ଭାବରେ ବେଣି ମାଝୀ ଏବଂ ହାରଫୁଲ୍ ମାଝୀ, କଳାକାର ଭାବେ ରାମେଶ୍ୱର ନାଏକ ଏବଂ ଅଞ୍ଚଳର ଶ୍ରେଷ୍ଠ ବୈଦ୍ୟ ଭାବରେ ବିଷମଗିରି ଗ୍ରାମର ରଘୁ ପ୍ରଧାନୀ ଭଳି ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁନୀଲ ମାଝୀ ମଞ୍ଚ ପରିଚାଳନା କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଟଙ୍କଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମ ରୋଜଗାର ସେବକ ସୁରେନ୍ଦ୍ର ସେଠୀ, ଯୋଗାଣ ସହାୟକ ଲଛମନ ନାଏକଙ୍କ ସମେତ ନାଏବ ସରପଞ୍ଚ ଏବଂ ସମସ୍ତ ୱାର୍ଡ ମେମ୍ବର ସହଯୋଗ କରିଥିଲେ ।

# ଗୁଣପୁର, ବିଷମଗିରି ଏସ୍‌ଏସ୍‌ଡି ବିଦ୍ୟାଳୟର ବାର୍ଷିକୋତ୍ସବ

**ଥୁଆମୂଳ ରାମପୁର, ୧୪ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଗୁଣୁପୁର ପଞ୍ଚାୟତ ଅଧୀନରେ ଥିବା ଏସ୍‌ଏସଡି ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରୈଲୋକ୍ୟ ନାଥ ବିଷୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ଧୋବା ସାହୁ, ମୁଖ୍ୟବକ୍ତା ଭାବେ ମଥୁରା ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ ଦୀପ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଟୁନୀ ଖୋସଲା, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ଛତ୍ରପାଲ, ସ୍ଥାନୀୟ ସରପଞ୍ଚ ସୁଜାତା ମାଝୀ,




ସାମ୍ବାଦିକ ରବି ନାରାୟଣସିଂ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଣେଶ ପୂଜାରୀ, ରଜନୀ ସମର୍ଲିଆ, କେଶରୀ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ । ସେହିପରି ବ୍ଲକର ବିଷମଗିରି ବିଦ୍ୟାଳୟରେ ମଧ୍ୟ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତଳଝାପି ସରପଞ୍ଚ ସୋଭାସିଂ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାଣିକ୍ୟ ଚନ୍ଦ୍ର ନାଏକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ସମିତି ସଭ୍ୟ ପ୍ରତିନିଧି ସୁନୀଲ ମାଝୀ, ସାମ୍ବାଦିକ କୈଳାସ ଛତ୍ରିଆ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକୁମାର ଶୈଳ, ଜୟପାଟଣା ଧନସୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ବେହେରା, ଚନ୍ଦନ ଆଚାର୍ଯ୍ୟ, କାଠକୁରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପସ୍ଥିତ ଥିଲେ । ମୁଖ୍ୟବକ୍ତା ଭାବେ ଗୋପାଳପୁର ଏସ୍.ଏସ୍.ଡି ଉଚ୍ଚ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ନାଏକ ଯୋଗ ଦେଇଥିଲେ ।

# ମୁଣ୍ଡ ପରାଶର ପରିବାରର ମହାସମାବେଶ

**ଭବାନୀପାଟଣା, ୧୪ ।୨(ସମିସ):** ସମ୍ପର୍କ, ସଂଗଠନ ଓ ସମ୍ପୃକ୍ତି ଏକ ସମାଜ ତଥା ରାଷ୍ଟ୍ରର ସଂସ୍କୃତିକୁ ବିଶ୍ୱମୁହାଁ କରିବା ସହିତ ସଙ୍ଗଠିତ କରିଥାଏ । ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ କାର୍ଯ୍ୟ କଲେ ସଫଳତା ମିଳେ । ରିଷିଗାଁରେ ଆୟୋଜିତ ମୁଣ୍ଡ ପରାଶର ପରିବାର ତରଫରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ମହାସମାବେଶ ଅବସରରେ ଅତିଥିଗଣ ଏଭଳି ମତପ୍ରକାଶ କରିଛନ୍ତି । ଡ. ଅଶୋକ ମୁଣ୍ଡ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ସୁରେଶ ଚନ୍ଦ୍ର ମୁଣ୍ଡ, ଜଗଦୀଶ୍ୱର ମୁଣ୍ଡ, ସନତ ମୁଣ୍ଡ, ଭାରତ ଭୂଷଣ ମୁଣ୍ଡ, ମଳୟ ମୁଣ୍ଡ ଓ ଜଗନ୍ନାଥ ମୁଣ୍ଡ ମଞ୍ଚାସୀନ ଥିଲେ । ଅତିଥିଗଣ 'ଦେଶ, ଜାତି ଓ ସମାଜ ପାଇଁ ସଂଗଠନର ଭୂମିକା' ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ମହର୍ଷି ପରାଶର ଓ ମା' ମାଣିକେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ହରିଶ୍ଚନ୍ଦ୍ର ମୁଣ୍ଡ ପରିଚାଳନା କରିଥିଲେ । ପ୍ରତାପଚନ୍ଦ୍ର ମୁଣ୍ଡଙ୍କ ଗୀତକୁ ପରାଶର ପରିବାରର ଶିଳ୍ପୀ ପରିବେଷଣ କରିଥିଲେ । କଳାହାଣ୍ଡି ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ମୁଣ୍ଡ ସମ୍ପାଦକୀୟ ଓ ଅର୍ଥ କମିଟି ମୁଖ୍ୟ ଦୀନବନ୍ଧୁ ମୁଣ୍ଡ ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ । ପରିବାରର ୮୦ ବର୍ଷରୁ ଉର୍ଦ୍ଧ୍ୱର ବୟସ୍କ ଗୁରୁଜନ ଓ ସାଙ୍ଗଠନିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ହେମନ୍ତ ମୁଣ୍ଡ ମଞ୍ଚ ପରିଚାଳନା କରିଥିବାବେଳେ ହରିଶ୍ଚନ୍ଦ୍ର ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଜିତେନ୍ଦ୍ର ମୁଣ୍ଡ, ସୁବଳଦେବ ମୁଣ୍ଡ,



ସୁଧୀର ମୁଣ୍ଡ, ଡ. ସୁନୀତି ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ । ମୁଣ୍ଡ ପରାଶର ପରିବାରର କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମୁଣ୍ଡ ପରାଶର ବଂଶାବଳୀ ପ୍ରସ୍ତୁତ ତଥା ସାଂଗଠନିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରୁ ୧୦୦୦ ପରିବାରର ସଦସ୍ୟ ଯୋଗ ଦେଇଥିଲେ ।

# ସାଂସଦ ସୁଜିତ କୁମାରଙ୍କ ସିନାପାଲି ଗସ୍ତ

**ସିନାପାଲି, ୧୪।୨(ସମିସ):** ରାଜ୍ୟସଭା ସାଂସଦ ସୁଜିତ କୁମାର ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗସ୍ତ କରିଛନ୍ତି। ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟରେ କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ରାଜଶ୍ରୀ ପବ୍ଲିକ ସ୍କୁଲର ପାଚେରି ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ଦେଇଥିଲେ। ଏହାପରେ ସିନାପାଲି ଅଞ୍ଚଳର ବହୁ ପ୍ରତୀକ୍ଷିତ ଷ୍ଟାଡିୟମ ନିର୍ମାଣ ଲାଗି ଶୁଭ ଦେଇଥିଲେ। ସିନାପାଲି ସହର ଯୁଗେନପଦର ଛକ ନିକଟରେ ଷ୍ଟ୍ରିଟ୍ ଲାଇଟ୍ ଉଦଘାଟନ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ। ନୂଆପଡ଼ା ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଲମ୍ବୋଧର ନିଆଲ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ସିନାପାଲି ବ୍ଲକ ବିଜେଡି ସଭାପତି ଗରୁଡ଼ଧ୍ୱଜ ବେହେରା, ସମ୍ପାଦକ ଦୈତାରି ମେହେର, ସୁବାସ ଅଗ୍ରୱାଲ, ସତ୍ୟବ୍ରତ ଗହୀର ପ୍ରମୁଖ ଉପସ୍ଥିତ ଥିଲେ।



## ସିନାପାଲି ଶିଶୁ ମନ୍ଦିର ରଜତ ଜୟନ୍ତୀର ଦ୍ୱିତୀୟ ଦିବସ

# 'ଉତ୍ତମ ଶିକ୍ଷା ହିଁ ବ୍ୟକ୍ତି ଚେତନାର ବିକାଶ ଘଟାଏ'

**ସିନାପାଲି, ୧୪।୨(ସମିସ):** ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଶିଶୁମନ୍ଦିର ସମାଜରେ ଅତୁଳନୀୟ ଭୂମିକା ନିର୍ବାହ କରୁଛି। ଏଭଳି ଉତ୍ତମ ଶିକ୍ଷା ଦ୍ୱାରା ହିଁ ବ୍ୟକ୍ତି ଚେତନାର ବିକାଶ ଘଟେ। ନୂଆପଡ଼ା ଜିଲ୍ଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଦିବସରେ ଏହି ମତ ପ୍ରକାଶ ପାଇଛି। ଏଥିରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଗବେଷକ ପରମେଶ୍ୱର ମୁଣ୍ଡ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ବିଜୁ ଜନତା ଦଳ ଜିଲ୍ଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ବିଜେପି ଜିଲ୍ଲା ସଭାପତି ସୁବ୍ରତ ଠାକୁର, ଡବ୍ଲୁଓଡିସି ସଦସ୍ୟା ମନ୍ଦାକିନୀ ବଘେଲ, ବଣିକ ସଂଘ ସଭାପତି ପ୍ରଦୀପ ଜୈନ, ସିନାପାଲି ସଦର ସରପଞ୍ଚ ସୁନୀତା ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନନ୍ଦ ପାତ୍ର ଅଧ୍ୟକ୍ଷତା କରିଥିଲେ। ରୂପେଶ ଚନ୍ଦ୍ର ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବଂଶୀଧର ଜଗତ ଓ ଦୀପକ ସା ବନ୍ଦନା ଗାନ କରିଥିଲେ। ଅତୁଳ ପାତ୍ର ବିବରଣୀ ପଠନ କରିଥିଲେ। ମନମୋହନ ପଣ୍ଡା, ଲିପିକା ମେହେର, ଦେବାଶିଷ ନାଏକ, ରଶ୍ମିପ୍ରଭା ମେହେର, ଗଜେନ୍ଦ୍ର ପଟେଲ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।




## ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦାବି

# ଆନ୍ଦୋଳନକୁ ଓହ୍ଲାଇଲେ ଗ୍ରାମ୍ୟ କୃଷି କର୍ମଚାରୀ

**ନୂଆପଡ଼ା, ୧୪।୨(ସମିସ)**

ନୂଆପଡ଼ା ଜିଲ୍ଲାର ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦାବି ଜୋର୍ ଧରିଛି। ବୁଧବାର ଜିଲ୍ଲାର ଗ୍ରାମ୍ୟ କୃଷି କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ସ୍ଥାନୀୟ ଜିଲ୍ଲା ମୁଖ୍ୟକୃଷି ଅଧିକାରୀ କାର୍ଯ୍ୟାଳୟ ପରିସରରେ କୃଷି କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ଗ୍ରେଡ୍ ପେ ବୃଦ୍ଧି ସହ କ୍ୟାଡର ପୁନଃଗଠନ, ପଦୋନ୍ନତି ପାଇଁ ପଦବୀ ସୃଷ୍ଟି, ଚାକିରି କାଳରେ ଅନ୍ତତଃ ୪ଟି ପଦୋନ୍ନତି, ୬ ବର୍ଷକୁ ମୂଳ ଚାକିରି ଗଣନା, ପଦବୀର ନାମ ପରିବର୍ତ୍ତନ, ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତନ, ଅନଲାଇନ କାମ ପାଇଁ ଲ୍ୟାପଟପ ଓ ଟେବଲେଟ ଯୋଗାଣ, ପେଟ୍ରୋଲ ଯୋଗାଣ, ବାଇକ ଆଲାଉନ୍ସ, ପଞ୍ଚାୟତସ୍ତରରେ ଭିଏଡବ୍ଲୁ ବାସସ୍ଥାନ ନିର୍ମାଣ କରିବାକୁ ଦାବି ରାଯାଇଛି। ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ସଭାପତି ବୀରସିଂ ଚିନ୍ଦା, ଉପସଭାପତି ଜଗନ୍ନାଥ ସୁନା, ସମ୍ପାଦକ ସୁଶାନ୍ତ ଭୋଇ, ସାଂଗଠନିକ ସମ୍ପାଦକ ଦୀପକ ପାଣ୍ଡେ, ଯୁଗ୍ମସମ୍ପାଦକ ଆଲୋକ ମେହେର, କୋଷାଧ୍ୟକ୍ଷ ବେଦବ୍ୟାସ ଶବର, ସହକୋଷାଧ୍ୟକ୍ଷ ନିଲାମ୍ବର ସୁନାନୀ, ଉପଦେଷ୍ଟା ହୀରାଲାଲ ଶବର, କୁଳଦୀପ ମାଝି, ସୁଲୋଚନା ପଟ୍ଟନାୟକ, ସୁରଭି ଶବର, ସନ୍ନିପ୍ରସାଦ ଲହଙ୍ଗିର, ଭୋଜରାଜ ପଟେଲ, ଆଶାରାଣି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେବ ରାଜ୍ୟର ଗ୍ରାମ୍ୟ କୃଷି କର୍ମଚାରୀ କ୍ୟାଡର ପୁନର୍ଗଠନ ଦାବି କରୁଛନ୍ତି। ଏହି ପ୍ରସ୍ତାବ କ୍ଷେତ୍ର ବାସ୍ତବତା ସହ ସମସ୍ତ ଆନୁଷଙ୍ଗିକ ବିଧିବ୍ୟବସ୍ଥା ଓ ସମକାଳୀନ ଅନ୍ୟ ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଆଧାରରେ ପ୍ରସ୍ତୁତ ହୋଇଛି। ଏହା ପ୍ରସ୍ତୁତ ହେବାର ୯ ମାସ ବିତି ଯାଇଥିଲେ ବି ଆଦେଶ ପ୍ରକାଶ ପାଇ ନ ଥିବାରୁ ଅସନ୍ତୋଷ ଦେଖା ଦେଇଛି। ଦୀର୍ଘ ୩ ଦଶନ୍ଧି ହେବ କ୍ୟାଡର ପୁନର୍ଗଠନ ହୋଇ ନ ଥିବାରୁ ପଦୋନ୍ନତି କ୍ଷେତ୍ରରେ ଅଚଳାବସ୍ଥା ଜାରି ରହିଛି। କମ୍ ଗ୍ରେଡପେ ସହ ପଦୋନ୍ନତି ଅଭାବ ଓ ସୀମିତି ଦରମାରୁ ସରକାରୀ କାମରେ ଅର୍ଥବ୍ୟୟ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ରାଜ୍ୟର ଏକାଧିକ ବିଭାଗରେ ଶତାଧିକ କ୍ୟାଡର ପୁନର୍ଗଠନ ହୋଇ ସାରିଛି। ଏମିତିକି ୨୦୧୮ ରେ କୃଷି ନିର୍ଦ୍ଦେଶାଳୟରେ ମିନିଷ୍ଟରିଆଲ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ହୋଇଛି। ଏବେ କୃଷି କର୍ମଚାରୀ ମାନସିକ ଯନ୍ତ୍ରଣା ଓ ନୈରାଶ୍ୟ ମଧ୍ୟରେ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିବା ଅଭିଯୋଗ କରିଛନ୍ତି।

# କବିତା ସଂକଳନ 'ଅସରନ୍ତି ଆସକ୍ତି' ଉନ୍ମୋଚିତ



**ନୂଆପଡ଼ା, ୧୪।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ନବମ କବିତା ସଙ୍କଳନ 'ଅସରନ୍ତି ଆସକ୍ତି' ଉନ୍ମୋଚିତ ହୋଇଛି। ନୂଆପଡ଼ା ଜିଲ୍ଲାପାଳ ହେମକାନ୍ତ ସୟ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଗାଳ୍ପିକ ତଥା ନାଟ୍ୟକାର ମାୟାଧର ସରାଫ, ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ ଗୁଣବନ୍ତ ସାହୁ, ଅଧ୍ୟାପକ ତଥାଗତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଶିବିର

**ସଇଁତଲା, ୧୪।୨(ସମିସ):** ସଇଁତଲା ବ୍ଲକ କୁଇକେଡ଼ା ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶର "ଆମ ଓଡ଼ିଶା ନବୀନ ଓଡିଶା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଇକେଡ଼ା ସରପଞ୍ଚ ଯୁଗଲାଲ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଜିଲ୍ଲା ପରିଷଦ ସଭ୍ୟା ହିମାଞ୍ଚଳ ବୁଡ଼େକ, କୃଷି ବିଭାଗ କର୍ମଚାରୀ ପ୍ରଫୁଲ୍ଲ ଛତ୍ରିଆ, ସମାଜସେବୀ ସାମୁଏଲ ନନ୍ଦ, ପିଇଓ ଶରତଚନ୍ଦ୍ର ସାହୁ, ନାଏବ ସରପଞ୍ଚ ବନ୍ଦିତା ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଆର୍ଏସ୍ ଜିତେନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତ ର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡି କର୍ମୀ, ୱାର୍ଡସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।



# ସହିଦ ଦିବସରେ ରକ୍ତଦାନ ଶିବିର: ୪୭ ୟୁନିଟ୍ ସଂଗ୍ରହ

**ଟିଟିଲାଗଡ଼, ୧୪।୨(ସମିସ):** ପୁଲୱାମା ସହିଦ ଦିବସରେ ନାଗରିକ ମଞ୍ଚ ଟିଟିଲାଗଡ଼ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଟିଟିଲାଗଡ଼ ଥାନା ଆଇଆଇସି ଅବନି ସାହୁ ରକ୍ତଦାନ କରି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଦୁର୍ଗେଶ୍ୱରୀ ନନ୍ଦିନୀ ସାହୁ, ତରୁଣା ଘଡେଇ, ବିଜେପି ନଗର ଉପସଭାପତି ଲିଙ୍ଗରାଜ ନାୟକ, ପୂର୍ବତନ ଏନସିସି ଆରଡିସି କ୍ୟାଡେଟ ପଙ୍କଜ ନାମଦେବ, କିଶୋର ଅଗ୍ରୱାଲ, ଅମନ ଜୈନ, କିଶୋର ଅଗୱାଲ, ପଙ୍କଜ ଶର୍ମା, ସୁଦିପ ବେହେରା, କମଲ ଗୌଡ, ବୈକୁଣ୍ଠ ଖର୍ସେଲ, ବିଙ୍ଗୁ ଖୁରା, ମନୋହର ବାଗ, ମଧୁସୂଦନ ଦୁର୍ଗା, ପିତାମ୍ବର ହାତି, ଯୁଗଲ କିଶୋର ପୁଟେଲ, ଗୋଲକ ବିଶି, ମାଧବ ସାହୁ, ବିଜୁ ମେହେର, କିଶୋରଚନ୍ଦ୍ର ବାରିକ, ମନୁ ବଗର୍ତ୍ତି, ପ୍ରହଲ୍ଲାଦ ସାହୁ, ସିଦ୍ଧେଶ୍ୱର ଦୋରା, ସଚିନ ସେଠ, ଜଗନ୍ନାଥ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନାଗରିକ ମଞ୍ଚ ପକ୍ଷରୁ ଉପସଭାପତି ପଦ୍ମନାଭ ବେହେରା, ସାଧାରଣ ସମ୍ପାଦକ ଆଇନଜୀବୀ ମୋହନ ଜୈନ, ସଂଗଠନ ସମ୍ପାଦକ ଆଇନଜୀବୀ ମନୋଜ ହାତୀ, ଅଞ୍ଜଲି ବେହେରା, ଜଗନ୍ନାଥ ପଣ୍ଡା, ଚିନ୍ତାମଣୀ ମହାପାତ୍ର, ବିଜେପି ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ, ଦୀପକ ସମ୍ପାଦାର, ସୁଧିର ଘଡେଇ, ମହେଶ ଗୁପ୍ତା, ନବୀନ ଜୈନ, ଅମ୍ଲାନ ଷଡଙ୍ଗୀ, ଟିଟିଲାଗଡ଼ ରକ୍ତଦାତା ସଂଘ ସଭାପତି ବନମାଳି ବେହେରା, ରାଜା ବଗର୍ତ୍ତି, ଶିବା ସାହୁ ଉପସ୍ଥିତ ଥିଲେ। ଡା. କୃଷ୍ଣଚନ୍ଦ୍ର ପାଳଙ୍କ ତତ୍ତ୍ୱାବଧାନରେ ଟିଟିଲାଗଡ଼ ରେଡକ୍ରସ ରକ୍ତଭଣ୍ଡାର ବିଶେଷଜ୍ଞ ଗଜେନ୍ଦ୍ରନାଥ ରାଉତ, କୃଷ୍ଣଚନ୍ଦ୍ର ପାତ୍ର, ଜିତେନ୍ଦ୍ର ପଣ୍ଡା, ଜୟରାମ ମଚ୍ଛଖଣ୍ଡ ରକ୍ତ ସଂଗ୍ରହ କରିଥିଲେ। ଡବ୍ଲୁୱାଇଏମ ଜିଲା ସଭାପତି ଆଲୋକ ରଞ୍ଜନ ସାହୁ ଏବଂ ରକ୍ତଦାତା ଅଜୟ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।






କଣ୍ଟାବାଞ୍ଜି ସହର ୱାର୍ଡ ନଂ ୧୪ ବିଦ୍ୟୁତ କଲୋନୀ ନିକଟରେ ପୁଲୱାମା ସହିଦଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କିଡ୍ ସ୍କୁଲରୁ ଚୋରି ଅଭିଯୋଗ

**ବଲାଙ୍ଗିର, ୧୪।୨(ସମିସ):** ବଲାଙ୍ଗିର ସହର ମାଧିଆପାଲିରେ ଥିବା ଯୁବୋଦୟ କିଡ ସ୍କୁଲରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍କୁଲର ଏଡମିସିନ ଇନଚାର୍ଜ ଶୁଭାଶିଷ ଖମାରୀ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଅଭିଯୋଗ ଅନୁସାରେ ଗତକାଲି ରାତିରେ କିଛି ଚୋର ସ୍କୁଲର କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ। ସ୍କୁଲରୁ ୫ଟି ୱାଲ ଫେନ, ଇଣ୍ଡକସନ ଚୁଲା, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ଡିଭିଆର ମେସିନ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶୁଭାଶିଷ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ସହିତ ଏହାରେ ତଦନ୍ତ କରି ଚୋର ମାନଙ୍କୁ ଧରିବାକୁ ଦାବି କରିଛନ୍ତି।

# ପୁଲୱାମା ସହିଦଙ୍କୁ ଶ୍ରଦ୍ଧାସୁମନ




**ବେଲପଡା/ସଇଁତଲା, ୧୪।୨(ସମିସ):** ବେଲପଡାରେ ପୁଲୱମାରେ ସହିଦ ଯବାନଙ୍କୁ ମନେ ପକାଇ ସହରରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇଛି। ତାରିଣୀ ମନ୍ଦିରରୁ ଶିବ ମନ୍ଦିର ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ପରେ ଏକ ନିରବ ପ୍ରାର୍ଥନା ସଭା କରାଯାଇଥିଲା। କୋଶଲ କର୍ମୀ ଜିତୁ ନାଏକ, ବଜରଙ୍ଗ ଦଳର ସୁରେଶ ଡାଙ୍ଗ, ମାହେଶ୍ୱରୀ ସେନାର କଲୁଜିତୁ ନାଏକ, ସୁରେଶ ଡାଙ୍ଗ, ରବିନ୍ଦ୍ର ଥପା, ଶିବ ଡାଙ୍ଗ, ସୁବ୍ରତ ଡାଙ୍ଗ, ଭୁପେନ୍ଦ୍ର ସିଂ, ମାନସ ସିଂ ନିନା, ବିକାଶ ସିଂ ନିନା, ସଂଯୋଗ ସାହୁ, ଶମ୍ଭୁ ବାଗ, ରବି ନାଏକ, ଯୁଧିଷ୍ଠିର ସେଠ, ସଞ୍ଜୀବ ମେହେର, କାର୍ତ୍ତିକ ହଂସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ସଇଁତଲା ବ୍ଲକ ଟିକ୍ରାପଡ଼ା ପ୍ରହରୀ ମଣ୍ଡପଠାରେ ଯୁବ ସମାଜ ଆନୁକୂଲ୍ୟରେ ପୁଲୱାମା ସହିଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପଣ୍ଡା, ଶିବୁନ ଠାକୁର, ଅମିତ ରାଜପଲିଆ, ପ୍ରମୋଦ ପାତ୍ର, ରାହୁଲ ରାଜପଲିଆ ସହିଦଙ୍କ ଶୌର୍ଯ୍ୟ ଓ ଆତ୍ମତ୍ୟାଗ ବିଷୟରେ କହିଥିଲେ। ସ୍ମୃତିସଭା ପରେ ଗ୍ରାମରେ କ୍ୟାଣ୍ଡାଲ ଶୋଭାଯାତ୍ରା କରାଯାଇଥିଲା। ସାଗର ନାଏକ, ଆକାଶ ରାଜପଲିଆ, ତୁଷାର ବାଗ, ଦ୍ରୋଣ ସେଠ, ପ୍ରେମ ରାଜପଲିଆ, ପିଙ୍କୁ ପଶାୟତ, ଆକାଶ ବଛା, ସତ୍ୟ ନିଆଲ, ସତ୍ୟ ବଗର୍ତ୍ତୀ, କାହ୍ନୁ ପୁଟେଲ, ସୁବ୍ରତ ବାଗ, ଶିବପ୍ରସାଦ ବାଗ, କାହ୍ନା ସାହୁ, ଆଶିଷ ବାଗ, ମେଘାମ୍ବର ରାଜପଲିଆ, ଶମ୍ଭୁ ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଯୁବକ ଏଥିରେ ସାମିଲ ହୋଇଥିଲେ।

# 'ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରୁ ପାଣି ଦିଅ'

**ନୂଆପଡ଼ା, ୧୪।୨(ସମିସ)**

ନୂଆପଡ଼ା ଭଳି ଏକ ଉପାନ୍ତ ତଥା କୃଷି ବହୁଳ ଜିଲ୍ଲାରେ ଚାଷୀଙ୍କୁ ଜଳ ସେଚନର ସୁବିଧା ଯୋଗାଇଦେବାକୁ ଖଡ଼ିଆଳ ଏବଂ କୋମନା ବ୍ଲକର ମଧ୍ୟ ଭାଗରେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି; ହେଲେ ଦୀପ ତଳ ଅନ୍ଧାର ଭଳି କୋମନା ଏବଂ ଖଡ଼ିଆଳ ବ୍ଲକର ବହୁ ଗାଁର ଶତାଧିକ ଚାଷୀ ଜଳ ସେଚନର ସୁବିଧା ପାଇବାରୁ ବଞ୍ଚିତ। ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ( ତିଖାଲି ଡ୍ୟାମ)ରୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଚାଷୀମାନେ ଖଡ଼ିଆଳସ୍ଥିତ ଲୋୟର ଇନ୍ଦ୍ର କାର୍ଯ୍ୟାଳୟ ଘେରିବା ସହ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଡ଼ିଆଳ ବ୍ଲକର ଚନାବେଡା, ସାନ ମହେଶ୍ୱର, ବରଗାଁ, ଖୁଦପେଜ ଓ ଭୋଜପୁର ଗ୍ରାମ ପଞ୍ଚାୟତ ବିଭିନ୍ନ ଗାଁ ସମେତ କୋମନା ବ୍ଲକ ପେଣ୍ଡରାବନ୍ଦ ପଞ୍ଚାୟତର ଚାନ୍ଦୋପଲା ଗ୍ରାମର ଚାଷୀ ଏଥିରେ ସାମିଲ ଥିଲେ। ଦୀର୍ଘଦିନରୁ ଦାବି ହେଉଥିଲେ ମଧ୍ୟ ତିଖାଲି ଡ୍ୟାମରୁ ଅଳ୍ପ ଦୂରରେ ଥିବା ସତ୍ତ୍ୱେ ଜଳସେଚନ ସୁବିଧା ହେଉ ନ ଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲୋୟର ଇନ୍ଦ୍ର କାର୍ଯ୍ୟାଳୟର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସଞ୍ଜୀବ ଜ୍ଞାନ ଭାତ୍ରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ। ଦରକାର ପଡ଼ିଲେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ଯୁବକବି ଯାଦବେନ୍ଦ୍ର ସାହାଙ୍କ 'ଧୂଳିଘର' ଉନ୍ମୋଚିତ

**ଭବାନୀପାଟଣା, ୧୪।୨(ସମିସ):** ଯୁବକବି ଯାଦବେନ୍ଦ୍ର ସାହାଙ୍କ ପ୍ରଥମ କବିତା ସଂକଳନ 'ଧୂଳିଘର' ଉନ୍ମୋଚିତ ହୋଇଛି। ବିଶିଷ୍ଟ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ ଶତପଥୀ, ପ୍ରଖ୍ୟାତ କବି ପ୍ରଦୀପ ପଣ୍ଡା, ଗାଳ୍ପିକା ଯାଜ୍ଞସେନୀ ସାହା, ଡା ହେମସାଗର ସାହା, ବିଶିଷ୍ଟ କବି ପ୍ରୀତିଧାରା ସାମଲ, ଅଧ୍ୟାପକ ରଞ୍ଜନ ପଣ୍ଡା ଓ ନାଟ୍ୟକାର ପରମେଶ୍ୱର ମୁଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଭିନେତା ସୁଶାନ୍ତ ପାଢ଼ୀ, ବୈଷ୍ଣବ ସାହା, କଥାକାର ଯଶୋବନ୍ତ ସାମଲ, କବି ଯୁଗଳ କିଶୋର ଷଡ଼ଙ୍ଗୀ, କବୀ ନର୍ମଦା ନିଳୋପ୍ତଳା, କବି ମୁକୁଳ ମିଶ୍ର, ସୁଶୀଳ ବାଗ, ସବିତା ଭୋଇ, ପଦ୍ମାଳୟା ସାମଲ, ମଞ୍ଜୁମେଧା ଗୁରୁ, ନିରୋଜ ପଟ୍ଟନାୟକ, ଐଶ୍ୱର୍ଯ୍ୟା ପ୍ରଧାନ, ସଂଯୁକ୍ତା ପାଢ଼ୀ, ଗୋବିନ୍ଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ରକ୍ତଦେଇ ପ୍ରେମର ସନ୍ଦେଶ ବାଣ୍ଟିଲେ ୫୧ ଯୁବକ ଯୁବତୀ

ସୋନପୁର, ୧୪।୨(ସମିସ)

ଦୀର୍ଘ ୧୨ ବର୍ଷ ହେଲା ବୁଢାରଜା ୟୁଥ୍ ଆସୋସିଏସନ୍ ତରଫରୁ ଭାଲେଣ୍ଟାଇନ ଡେକୁ ଭିନ୍ନ ଢଙ୍ଗରେ ପାଳନ କରାଯାଉଛି। ସଂଗଠନ ତରଫରୁ ରକ୍ତ ଦାନ ଶିବିର ଆୟୋଜିତ ହୋଇ ଆସୁଛି। ଚଳିତ ବର୍ଷ ମଧ୍ୟ ବୁଢାରଜା ଛକଠାରେ ବୁଢାରଜା ଯୁବ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାର ୫୧ ଜଣ ଯୁବକ ଯୁବତୀ ରକ୍ତ ଦାନ କରି ପ୍ରେମର ସନ୍ଦେଶ ବାଣ୍ଟିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଯୋଗରେ ଆୟୋଜିତ ଏହି ଶିବିରରେ ସଂଗୃହିତ ରକ୍ତ




ସ୍ଥାନୀୟ ରକ୍ତଭଣ୍ଡାରକୁ ପଠାଯାଇଥିଲା। ଏହି ସମାରୋହରେ ଅତିଥି ଭାବେ ଏଡିଏମ ଅଞ୍ଜଳିନା ପ୍ରଧାନ, ପୌରାଧକ୍ଷା ତାମସି ତାମସ୍ୱିତା ନାଏକ, ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ଶ୍ରୀକାନ୍ତ ମିଶ୍ର ଏବଂ ଉମାକାନ୍ତ ନାଗ ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଶିବଶଙ୍କର ନାଏକ ଏବଂ ସମ୍ପାଦକ ଶୈଳେନ୍ଦ୍ର ବାରିକଙ୍କ ସହ ସଂଗଠନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ୩୭ ହଜାର ଗଞ୍ଜେଇ ଗଛ ନଷ୍ଟକଲା ମନମୁଣ୍ଡା ପୁଲିସ

**ଶଗଡ଼ା, ୧୪।୨(ସମିସ):** ମନମୁଣ୍ଡା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମନମୁଣ୍ଡା ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ମନମୁଣ୍ଡା ଥାନା ଅଧୀନ ଶଗଡ଼ା ଫାଣ୍ଡି ଅଧୀନ ସିନ୍ଦୁରଭାଡ଼ି ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରିଥିଲା। ସେଠାରେ ବେଆଇନ ଭାବରେ ଚାଷ ହୋଇଥିବା ହଜାର ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଜଙ୍ଗଲରେ ପାଖାପାଖି ୨୫ଏକରରେ ବେଆଇନ ଭାବରେ ଚାଷ ହୋଇଥିବା ଖବର ପାଇ ପୁଲିସ ସେଠାରେ ପହଞ୍ଚି ଥିଲା। ୩୭ ହଜାର ଗଞ୍ଜେଇ ଗଛକୁ କାଟି ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ନଷ୍ଟ ଗଞ୍ଜେଇ ଗଛର ଆନୁମାନିକ ବଜାର ମୂଲ୍ୟ ୩କୋଟି ଟଙ୍କାରୁ ଅଧିକ ହେବ। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



# ବିନିକାରେ ଖୋଲିଲା ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର



**ବିନିକା, ୧୪।୨(ସମିସ):** ବିନିକା ରାଜାଜୀ ମାର୍ଗରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଶିବାନୀ ପାତ୍ର ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବିକା ସୁବୁଦ୍ଧି, ଗୌତମ ସୁବୁଦ୍ଧିଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଏହି କେନ୍ଦ୍ର ହେବାଦ୍ୱାରା ଗରିବ, ମଧ୍ୟବିତ୍ତ ପରିବାରର ଲୋକେ ରିହାତି ମୂଲ୍ୟରେ ଔଷଧ କିଣି ବ୍ୟବହାର କରି ପାରିବେ।

# ୭୨ କେଜି ଗଞ୍ଜେଇ ଜବତ

**ସୋନପୁର, ୧୪।୨(ସମିସ):** ସୁବର୍ଣ୍ଣପୁର ସହରର ବିଭିନ୍ନ ସ୍ଥାନରୁ ଅବକାରୀ ବିଭାଗ ଦ୍ୱାରା ୭୨ କେଜି ଗଞ୍ଜେଇ ଜବତ ହୋଇଛି। ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ଟିମ୍ ସକାଳୁ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚୋରାଚାଲାଣ ଗାଡି ସହ ଗଞ୍ଜେଇ ଜବତ ହୋଇଛି। ୪ ଜଣ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଧରିଛି। ପ୍ରଥମେ ବୁଢାରଜା ଛକରେ ଚଢଉ କରି ଏକ ଇନୋଭାରେ ଚାଲାଣ ହେଉଥିବା ୩୦ କେଜି ଗଞ୍ଜେଇ ସହ କାରକୁ ଜବତ କରାଯାଇଥିବା ବେଳେ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ପରେ ବ୍ଲକ ଛକରେ ଚଢଉ କରି ଛତିଶଗଡ଼ର ଜଣେ ଅଭିଯୁକ୍ତଠାରୁ ୭ କେଜି ଗଞ୍ଜେଇ ଜବତ କରାଯାଇଛି। ସେହିପରି ପଟାଭାଡି ଛକରୁ ଏକ ସ୍ୱିଫ୍ଟ କାରରୁ ୨୫ କେଜି ଗଞ୍ଜେଇ ଜବତ ହେବା ସହ କାରକୁ ଜବତ କରାଯାଇଛି।



# ଯମଟାଙ୍ଗୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ମନମୁଣ୍ଡା, ୧୪।୨(ସମିସ):** ମନୁପାଲୀ ପଞ୍ଚାୟତ ଯମଟାଙ୍ଗୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବୌଦ୍ଧ ବ୍ଲକ ଉପାଧକ୍ଷ ପାନେଶ୍ୱରୀ ଦେହୁରୀ, ମନୁପାଲି ପଞ୍ଚାୟତର ସରପଞ୍ଚ ଭାରତୀ ମଲିକ, ବିଦ୍ୟାଳୟ ପରିଚଳନା କମିଟି ସଭାପତି ପ୍ରଦୀପ ରଣା, ମୋ ବିଦ୍ୟାଳୟ ଅଭିଯାନର ସଭାପତି ହେମନ୍ତ ଦିସିରି, ୱାର୍ଡସଭ୍ୟ ମହେଶ୍ୱର ସାହୁ, ଶିବ ଦେହୁରି, ସିଆରସିସି ମକରନ୍ଦ ରାଜହଂସ, ଜନ ଶିକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଅରୁଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ମିକନ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୌସ୍ତୁଭ ମିଶ୍ର ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ସଂଯୁକ୍ତା ଦେହୁରୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟତ୍ରୀ ସୁନିତା ପ୍ରଧାନ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




# ସଂକୁଲୋଇ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ହରଭଙ୍ଗା, ୧୪।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଙ୍କୁଲେଇ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ବିଡିଓ ସୁବାସ ଜାନୀ, ବିବେକାନନ୍ଦ ମିଶ୍ର, ହେମନ୍ତ ପ୍ରଧାନ, ସରପଞ୍ଚ ସସ୍ମିତା ଛନ୍ଦ, ସମିତି ସଭ୍ୟା ରଶ୍ମିତା ମହାକୁଡ଼, ପିଇଓ ଜଗଦୀଶ ମଲିକ ପ୍ରମୁଖ ଯୋଗ ଦେଇ




ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ କେମିତି ସିଧା ସଳଖ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରୁଛି ତାହା ଉପରେ ଆଲୋକପାତ କରିଥିଲେ। ସତ୍ୟବାଦୀ ଚାଉଳିଆ ମଞ୍ଚ ପରିଚାଳନା କରିଥିଲେ।

# ସାଧୁ ମେହେରଙ୍କ ସ୍ମୃତିଚାରଣ

**ମନମୁଣ୍ଡା/ଶଗଡ଼ା, ୧୪।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟାଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଖ୍ୟାତ ସିନେ ଅଭିନେତା ଓ ନିର୍ଦ୍ଦେଶକ ସ୍ୱର୍ଗତ ପଦ୍ମଶ୍ରୀ ଡା. ସାଧୁମେହେରଙ୍କ ଦ୍ୱାଦଶାହ ତିଥି ଅବସରରେ ବୁଧବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ବରଗଡ଼ ଜିଲ୍ଲାରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଳ ଟାଇମ ଦ୍ୱାରା ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଉକ୍ତ ଅନୁଷ୍ଠାନ ର ସମ୍ପାଦକ ସଞ୍ଜୀବ ମହାପାତ୍ର ଅଧକ୍ଷତା କରିଥିଲେ। ବିଦ୍ୟାଳୟର ଶିକ୍ଷକ ରଞ୍ଜୁ ଅମାତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସମୀର ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଅର୍କକୁମାର ଦାସ ମହାପାତ୍ର, ସ୍ୱାମୀ ତେଜୋମୟାନନ୍ଦ ସ୍ୱରସ୍ୱତୀ, ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦେରା କୁଜୁରୁ, ପ୍ରାକ୍ତନ ପ୍ରଶାସିକା ତଥା ନୃତ୍ୟ ନିର୍ଦ୍ଦେଶିକା ତପସ୍ୱିନୀ ଗୁରୁ, ବୌଦ୍ଧ ଜିଲ୍ଲା କଲଚାରଲ ଏକାଡେମୀର ସଭାପତି ତଥା ନାଟ୍ୟକାର ହରିହର ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ଦେବେନ୍ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଧୁ ମେହେରଙ୍କ ନାମରେ ଏକ ଶ୍ରେଣୀ କକ୍ଷ ଲୋକାର୍ପିତ ହୋଇଥିଲା। ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ, ସୁରେନ୍ଦ୍ର କମ୍ପ, ସ୍ନେହପ୍ରଭା ମହାପାତ୍ର, ଦୀପ୍ତିମୟୀ ବୈଠାରୁ, ବନିତା ମେହେର, ପ୍ରାକ୍ତନ ଛାତ୍ର ସଞ୍ଜୀବ ବସ୍ତିଆ, ରଞ୍ଜନ ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନରେଶ ଶର୍ମା, ତ୍ରିଲୋଚନ ଡାଙ୍ଗ ସହଯୋଗ କରିଥିଲେ। ଭାର୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ସୁକତେଲରେ ନିର୍ମାଣ ହେବ ଭୂତଳ ଜଳ ସଂରକ୍ଷଣ କେନ୍ଦ୍ର

**ତରଭା, ୧୪।୨(ସମିସ):** ବଲାଙ୍ଗୀର ଲୋୟର ସୁକତେଲ ପ୍ରକଳ୍ପରୁ ନିକଟସ୍ଥ ପୁଆ, ଜରାଜାଙ୍ଗି ଓ ଶିବତୁଲା ପଞ୍ଚାୟତର ୨୭ଟି ଗ୍ରାମ ଜଳସେଚିତ ହେବ। ଉପର ପଟରେ ଥିବା ରାଣୀସର୍ଦା, ମେଣ୍ଡା, ଦେଉଳପଦର ଓ ପାଇକବାହାଲ ପଞ୍ଚାୟତର ଚାଷୀଙ୍କ ପାଇଁ ପୁଆ-ଦେଉଳପଦର ମଝିରେ ସୁକତେଲ ନଦୀରେ ଏକ ଭୂତଳ ଜଳ ସଂରକ୍ଷଣ କେନ୍ଦ୍ର(ଆଇଏସଏସ) ନିର୍ମାଣ କରାଯିବ। ସାଗରତଳଗୋଠ ଛକଠାରେ ଗତ ୭ ଦିନ ହେଲା ଚାଲିଥିବା ମେଣ୍ଡା ବାରପାହାଡ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି। ସେଠାରୁ ମେଗା ଉଠାଜଳସେଚନ ଜରିଆରେ ଚାଷୀଙ୍କ ଜମିକୁ ଜଳସେଚିତ କରାଯାଇ ପାରିବ। ଏହି ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ଦେବାକୁ ପଦ୍ମପୁର ଇନଭେଷ୍ଟିଗେସନ ଡିଭିଜନକୁ ଦାୟିତ୍ୱ ଦିଆଯାଇଛି। ଚଳିତବର୍ଷ ସୋନପୁର ମହାନଦୀରେ ଦୁଇଟି ବଡବଡ ଜଳ ପ୍ରକଳ୍ପ ହାତକୁ ନିଆଯାଇଛି। ସେହିପରି ଅନେକ ଗୁଡିଏ ବିକାଶମୂଳକ କାମ ମଧ୍ୟ କରାଯାଇଛି ବୋଲି ସେ କହିଥିଲେ। ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବରେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଯୋଗ ଦେଇଥିଲେ। ଶ୍ରୀ କମ୍ପ ତାଙ୍କ ବକ୍ତବ୍ୟରେ ଅଞ୍ଚଳରେ କରାଯାଇଥିବା ବିକାଶମୂଳକ କାମ ବିଷୟରେ କହିବା ସହିତ ଲୋକଙ୍କ ଦାବି ମୁତାବକ ମନ୍ତ୍ରୀ ଦେବୀ ବାରପାହାଡଙ୍କ ପୀଠକୁ ଇକୋଟୁରିଜମରେ ସାମିଲ କରାଇ ୨୯ ଲକ୍ଷ ଟଙ୍କା ମଞ୍ଜୁର କରାଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ବଲାଙ୍ଗିର ଫଟକରାର ମଞ୍ଚ କଳାକାର ଅନୀଲ ନାୟକ ଓ ଟିମ୍ ଦ୍ୱାରା କଂସ ଦରବାର ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଆୟୋଜକ କମିଟିର ରାଜେନ୍ଦ୍ର ପଣ୍ଡା, ବିଭୁତିଭୂଷଣ ଝାଙ୍କର, ନାଥ ସା, ରାଜେନ୍ଦ୍ର ଝାଙ୍କର, ଦେବେନ୍ଦ୍ର ପର୍ଦ୍ଦିଆ, ନକୁଳ କର୍ଣ୍ଣ, ଭାଗିରଥି ସାହୁ, ଚକ୍ରଧର ସା, ପୁଆ ସମିତି ସଭ୍ୟ ହେମନ୍ତ ମାଝୀ, ରାଣିସର୍ଡା ସରପଞ୍ଚ ପ୍ରମୁଖଙ୍କ ସମେତ ହଜାର ସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ।



# ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

**ବିନିକା, ୧୪।୨(ସମିସ):** ଭାରତୀୟ ନୌ ବାହିନୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ବିନିକା ବ୍ଲକ ଶଙ୍କରା ଗ୍ରାମର ଅଜିତ ସେଠୀ ଗ୍ରାମକୁ ଫେରିବା ପରେ ଗ୍ରାମବାସୀଙ୍କ ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ସରପଞ୍ଚ ଅଶୋକ ପୃଷ୍ଟି, ସମିତି ସଭ୍ୟ ପ୍ରତିନିଧି ବଶିଷ୍ଠ ପଣ୍ଡା, ଆଇନଜୀବୀ ସରୋଜ ଦାଶ, ବିଶ୍ୱମ୍ବର ନନ୍ଦ, ଅଭୟ ପ୍ରଧାନ, ଗଜିନ୍ଦ୍ର ସେଠୀ ପ୍ରମୁଖ ଶ୍ରୀ ସେଠୀଙ୍କୁ ଫୁଲମାଳ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।ପରେ ବାଜା ବଜାଇ ଗ୍ରାମବାସୀଙ୍କ ତରଫରୁ ଗ୍ରାମ ପରିକ୍ରମା କରାଯାଇ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା।



# 'ବ୍ଲକ କଳା ସଂସ୍କୃତି ସଂଘ ଉପସଭପତି ପଦ ପୂରଣ କର'




**ହରଭଙ୍ଗା, ୧୪।୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଞ୍ଚଳିକ କଳା ସଂସ୍କୃତି ସଂଘ ସରକାରୀ ସ୍ୱୀକୃତି ପ୍ରାପ୍ତ ହୋଇଥିଲେ ସୁଦ୍ଧା ତାହାର ବିଧି ଅନୁଯାୟୀ କାର୍ଯ୍ୟ ହେଉ ନ ଥିବା ଦେଖାଯାଉଛି। ଏହାକୁ ନେଇ କଳାକାର ସଂଘ ପକ୍ଷରୁ ହରଭଙ୍ଗା ବ୍ଲକ ପରିସରରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଏକ ଦାବିପତ୍ର ଦିଆଯାଇଛି। ବ୍ଲକ କଳା ଓ ସଂସ୍କୃତି ସଂଘ ୨୦୧୦-୧୧ରେ ପଞ୍ଜିକରଣ ହୋଇଛି। ଏହାର ଏକ ପଞ୍ଜିକରଣ ଉପବିଧି ମଧ୍ୟ ରହିଛି; ମାତ୍ର ଦୁଃଖର କଥା ଏ ସମ୍ପର୍କରେ ସଂଘ ପରିଚାଳନା କରୁଥିବା ଅଧିକାରୀ ଓ କର୍ମକର୍ତ୍ତା ଆଦୌ ସଚେତନ ନ ଥିବାରୁ ଅଦ୍ୟାବଧି କାର୍ଯ୍ୟକ୍ରମର ଅନିୟମିତତା ହେଉଥିବା ନେଇ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସମାଧାନ ହେଉନି।

# ଆଜି ବୀରମହାରାଜପୁର ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ




**ବୀରମହାରାଜପୁର, ୧୪।୨(ସମିସ):** ବୀରମହାରାଜପୁରରେ ନବନିର୍ମିତ ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିବେ। ବହୁ ପ୍ରତୀକ୍ଷିତ ନୂତନ ବସଷ୍ଟାଣ୍ଡ ପୂର୍ବତନ ରାଜ୍ୟ ବାଣିଜ୍ୟ ପରିବହନ ଯୋଜନା ଓ ସଂଯୋଜନା ମନ୍ତ୍ରୀ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଉଦ୍ୟମକ୍ରମେ ୩ କୋଟି ୫୦ଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି। ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ବୋର୍ଡର ତତ୍ତ୍ୱାବଧାନରେ ଏହା ନିର୍ମାଣ କରାଯାଇଛି।

# ଗୋଧନେଶ୍ୱର ଶୈବପୀଠରେ ପାରାୟଣ

**ସୁବଳୟା, ୧୪।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ବାବା ଗୋଧନେଶ୍ୱର ଶୈବପୀଠରେ ଗୋଧନେଶ୍ୱର ଶିବଶକ୍ତି ସଂକ୍ରାନ୍ତି ସଂଘ ପକ୍ଷରୁ ୧୦ତମ ରାମଚରିତ ମାନସ ପାରାୟଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ପୁରାଣ ଗାୟକ ରମେଶ ଚନ୍ଦ୍ର ପୁରୋହିତ ଗ୍ରନ୍ଥପାଠ କରୁଛନ୍ତି। ସଂଘର ଉପଦେଷ୍ଟା ଦିଲ୍ଲୀପ ପ୍ରଧାନ ଓ ଧର୍ମପତ୍ନୀ ପ୍ରେମଶିଳା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସଭାପତି ପ୍ରଭଞ୍ଜନ ପ୍ରଧାନ, ସମ୍ପାଦକ ସୂର୍ଯ୍ୟ ନାରାୟଣ ତରିଆ, କୋଷାଧକ୍ଷ ବୈଦ୍ୟନାଥ ବିଶ୍ୱାଳ, ଗକୁଳମାଝି, କେଶବା ନନ୍ଦ ପଣ୍ଡା, ଗୌରିଶଙ୍କର ପାଣିଗ୍ରାହୀ, ବିସିକେଶନ ସେଠୀ, ମହନ ଜଟି, ଛନକ ସାହୁ, ସର୍ବେଶ୍ୱର ରଥ, ବୈକୁଣ୍ଠ ପଧାନ, ରଞ୍ଜନ ମହାକୁର, ବିଶ୍ୱାମିତ୍ର ନାଗ, ମନ ପଧାନ, କୃଷ୍ଣଚନ୍ଦ୍ର ପଧାନ, ରାମଶଙ୍କର ପାଣିଗ୍ରାହୀ, ଅକ୍ଷୟ ପାଣ୍ଡେ, ସୀତାରାମ ପଧାନ, ବୁଲୁ ପର୍ଡ଼ିଆ, ରିସପାଲ ସାହୁ, ବୈଦ୍ୟନାଥ ସାହୁ, ସାନ ମେହେର, ମିତ୍ରଭାନୁ ପ୍ରଧାନ, ଗଣ୍ଡା ସାମରଥ, ଅନୁରି ମେଣ୍ଡିଲି, ବିଶାଖା ମେଣ୍ଡିଲି, ଯଜ୍ଞସନୀ ଚୌଧୁରୀ, ବୃନ୍ଦାବତୀ ପଧାନ, ଭାର୍ଗବୀ ସାହୁ, ପରମେଶ୍ୱର ବିଶି, ଏକାଦଶିଆ ଖମାରୀ ପ୍ରମୁଖ ସହଯୋଗ କରିଥିଲେ।



## ଅଲଇଣ୍ଡିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ

# ପୁରୁଷ ଫାଇନାଲରେ ସୋନପୁର, ମହିଳାରେ ଦେବଗଡ଼ ଚାମ୍ପିଅନ

କଣ୍ଟାମାଳ, ୧୪।୨(ସମିସ)

କଣ୍ଟାମାଳ ଆଥଲେଟିକ ଆସୋସିଏସନ ଦ୍ୱାରା ସ୍ଥାନୀୟ କଲେଜ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଷଷ୍ଠ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି। ପ୍ରଥମ ଖେଳ ସମ୍ବଲପୁର ଓ ଶ୍ରେୟାଂଶ ସ୍ପୋର୍ଟିଂ ସୋନପୁର (ପୁରୁଷ )ଦଳ ମଧ୍ୟରେ ହୋଇଥିଲା। ଏଥିରେ ସୋନପୁର ଦଳ ସମ୍ବଲପୁରକୁ ୪-୦ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଛି। ସେହିପରି ମନୋରମା କ୍ଲବ ଦେବଗଡ଼ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଦେବଗଡ଼ ଦଳ ଟିଟିଲାଗଡ଼କୁ ୧-୦ଗୋଲରେ ହରାଇ ଚାମ୍ପିଅନ ହୋଇଛି। ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ବିଜେପି ଯୁବନେତା ଓମ୍‌ପ୍ରକାଶ ମିଶ୍ର, ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ଅଜିତ ସାହୁ, ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ଇଂରାଜୀ ଅଧ୍ୟାପକ ଦୀପକ ମେହେର, ମାନସ ରଞ୍ଜନ ସାହୁ, ସଞ୍ଜୀବ ସାହୁ, ଯତୀନ ମିଶ୍ର, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଅନିଲ ପ୍ରଧାନ, ପିନାକ ରଣା ପ୍ରମୁଖ ଯୋଗ ଦେଇଥିଲେ। ମହେନ୍ଦ୍ର ଦାସ, ମନୋଜ ଶର୍ମା ଖେଳର ଧାରା ବିବରଣୀ ଦେଇଥିଲେ। ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସଦାଶିବ ମହାନନ୍ଦ ଓ ସୁଜିତ ଖଟୁଆ ମ୍ୟାଚ ରେଫରୀ ଥିଲେ। ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ। ଗୁରୁବାର ଆଫ୍ରିକା ଓ ଶ୍ରେୟାଂଶ ସ୍ପୋର୍ଟିଂ ସୋନପୁର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



# ‘ଲକ୍ଷ୍ମୀ’କୁ ସ୍ୱାଗତ ପାଇଁ ଉତ୍କଣ୍ଠା

ସୋନପୁର,୧୪।୨(ସମିସ)

ଗ୍ରାମାଞ୍ଚଳରୁ ସହରକୁ ଗମନା ଗମନ ସୁଗମ କରିବା ପାଇଁ ରାଜ୍ୟ ସରକାର "ଲକ୍ଷ୍ମୀ' ବସ୍ ଯୋଜନା ଆରମ୍ଭ କରିଛନ୍ତି। ବିଭିନ୍ନ ଜିଲ୍ଲାରେ ଏହି ମହତକାଂକ୍ଷୀ ଯୋଜନା ଆରମ୍ଭ ହୋଇ ସାରିଛି। ମଫସଲ ଅଞ୍ଚଳରୁ ସହରକୁ ଚାଲୁଛି ଲକ୍ଷ୍ମୀ ବସ୍। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ୍ ସଂଯୋଗ। ସୁଲଭ ମୂଲ୍ୟରେ ଯାତ୍ରା କରିବେ ମହିଳା ଏବଂ ଛାତ୍ରଛାତ୍ରୀ। ଯାତ୍ରୀ ଏବଂ ସଡକ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଲକ୍ଷ୍ମୀ ବସ୍ ସେବାର ଆରମ୍ଭ ହୋଇଛି। ବିଭିନ୍ନ ଜିଲ୍ଲାରେ ଏହା ଅଳ୍ପ ଦିନ ମଧ୍ୟରେ ସଫଳତା ସାଉଁଟି ଥିବାରୁ ସୁବର୍ଣ୍ଣପୁର ଜିଲ୍ଲାରେ ମଧ୍ୟ ଲକ୍ଷ୍ମୀ ଯୋଜନା ନେଇ ଉତ୍କଣ୍ଠା ବଢିଛି। ବିଶେଷ କରି ମହିଳାମାନେ ଲକ୍ଷ୍ମୀ ବସ୍‌ର ସ୍ୱାଗତ ପାଇଁ ସତେ ଯେମିତି ଅପେକ୍ଷା କରି ରହିଛନ୍ତି। ଆସନ୍ତା ୧୯ ତାରିଖରେ ସୁବର୍ଣ୍ଣପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ହେବ। ଆଭାସୀ



ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସେବାର ଶୁଭାରମ୍ଭ ହେବ। ପଞ୍ଚାୟତସ୍ତରରୁ ବ୍ଲକ୍ ମୁଖ୍ୟାଳୟ କିମ୍ବା ଜିଲ୍ଲା ସଦର ମହକୁମାକୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନବାଡି ଏବଂ ଛାତ୍ରଛାତ୍ରୀ ଏହି ବସ୍ ସେବା ଦ୍ୱାରା ବିଶେଷ ଲାଭବାନ ହେବେ। ପଞ୍ଚାୟତରୁ ବ୍ଲକକୁ ଯିବା ପାଇଁ ମହିଳାମାନଙ୍କ ଟିକଟ ମୂଲ୍ୟ ୫ ଟଙ୍କା ରଖାଯାଇଛି। ଏହାସହ ବ୍ଲକରୁ ଜିଲ୍ଲା ସଦର ମହକୁମାକୁ ଏସି ବସ୍ ଗଡିବ।



ଆମ ପଞ୍ଚାୟତରୁ ସୋନପୁରକୁ ଯିବା ପାଇଁ କୌଣସି ବସ୍ ନ ଥିଲା। ଆମେ କୌଣସି ଅଫିସ୍ କାମରେ ଗଲେ କାହା ସହିତ ବାଇକ୍‌ରେ କିମ୍ବା ଗାଡି ଭଡାକରି ଯିବାକୁ ପଡୁଥିଲା। ଲକ୍ଷ୍ମୀ ବସ୍ ମହିଳାମାନଙ୍କ ପାଇଁ ବିଶେଷ ସୁବିଧା ହେବ। ନିଜେ ନିଜ ଇଚ୍ଛାରେ ଯାତାୟତ କରି ପାରିବୁ।

**ସୁନିତା ନାଏକ (ଖଲିଆପାଲି ସମିତି ସଭ୍ୟା)**



ରାଜ୍ୟ ସରକାରଙ୍କ ଏହି ବସ୍ ଯୋଜନା ସମସ୍ତଙ୍କ ଯାତାୟତ ପାଇଁ ସୁବିଧା ହେବ। ପୂର୍ବରୁ ବସ୍ ଗୁଡିକରେ ମନଇଚ୍ଛା ଦର ନେଉଥିଲେ। ଏବେ ଭଲ୍ ବସ୍‌ରେ କମ୍ ଦରରେ ଲୋକେ ଯାତ୍ରା କରି ପାରିବେ।

**ହରିପ୍ରିୟା ପଟ୍ଟନାୟକ (ସିଣ୍ଡୋଲ ବାସିନ୍ଦା)**



ବିଭିନ୍ନ ସରକାରୀ ତଥା ବ୍ୟାଙ୍କ କାମ ପାଇଁ ଅଙ୍ଗନବାଡି କର୍ମୀ ଏବଂ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ବିଭିନ୍ନ ସମୟରେ ସହକୁ ଯିବାକୁ ପଡିଥାଏ। ଲକ୍ଷ୍ମୀ ଯୋଜନା ଆମ ସମସ୍ତଙ୍କ ପାଇଁ ସୁବିଧା ହେବ। ୧୯ ତାରିଖରେ ଜିଲ୍ଲାରେ ଶୁଭାରମ୍ଭ ହେବ ବୋଲି ଜାଣିବା ପରେ ଖୁସି ଲାଗୁଛି।

**ଗୀତାଞ୍ଜଳି ରଣା (ଅଙ୍ଗନବାଡି କର୍ମୀ)**



ଗମନାଗମନରେ ଲକ୍ଷ୍ମୀ ବସ୍ ବୈପ୍ଳବିକ ପରିବର୍ତ୍ତନ ଆଣିବ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହି ବସ୍ ସେବା ଦ୍ୱାରା ବିଶେଷ ଉପକୃତ ହେବେ। ସ୍ୱଳ୍ପ ମୂଲ୍ୟରେ ସୁରକ୍ଷିତ ଭାବେ ଏହି ବସ୍‌ରେ ମହିଳାମାନେ ଯାତ୍ରା କରି ପାରିବେ।

**ଲକ୍ଷ୍ମୀ ସରାଫ (ଏସ୍‌ଏଚ୍‌ଜି ସଦସ୍ୟା, ଡୁଙ୍ଗୁରିପାଲି)**

# ଲୋକଙ୍କ ଜୀବନ ସହ ଖେଳୁଛନ୍ତି ମଦ ବେପାରି

**ସୁବଳୟା,୧୪।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ସୁବଳୟା ଥାନା ଅଞ୍ଚଳରେ ଖୁଲମଖୁଲା ବେଆଇନ ଦେଶୀ ମଦ କରାବାର ଚାଲିଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମଦ ମଦ ପ୍ରସ୍ତୁତ ହେଉଛି। ଅଧିକ ନିଶାଯୁକ୍ତ କରିବା ପାଇଁ ପୋଚରେ ମହୁଲ ସହ ନିର୍ଗୁଣ୍ଡି ଗଛର ଛାଲି, ଅମରି ପତ୍ର, ସାହାଜ ପତ୍ର, ୟୁରିଆ ସାର ଓ ସବୁଠାରୁ ବିପଜ୍ଜନକ ଗାଡ଼ି ପଙ୍କଚର ଲାଗି ବ୍ୟବହୃତ ସଲ୍ୟୁସନ ଆଦି ବିଷାକ୍ତ ଜିନିଷ ମିଶା ଯାଉଛି। ଅତି ନିକଟରେ ଓ ସହଜରେ ମଦ ମିଳୁଥିବାରୁ ଅଞ୍ଚଳରେ ନିଶାସକ୍ତଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ତେବେ ଏଭଳି ବିଷାକ୍ତ ସାମଗ୍ରୀ ଶରୀରକୁ ଗଲେ କ'ଣ ହେଉଥିବ ତାହା ସହଜେ ଅନୁମେୟ; କିନ୍ତୁ ନିଶା ପାଇଁ ପାଗଳ ସାଜିଥିବା ଲୋକେ ଏ ସବୁକୁ ଆଖି ବୁଜି ଦେଇଛନ୍ତି। ଅପମିଶ୍ରିତ ମଦ ପିଇ ସୁବଳୟା ଅଞ୍ଚଳର ବିଭିନ୍ନ ଗ୍ରାମର ଅନେକ ଲୋକ ରୋଗଗ୍ରସ୍ତ ହେଲେଣି। ପିତାମହୁଲ, ଟେଭାପଦର, ଖଣ୍ଡହତା, ସଂଗ୍ରାମପୁର, ଟିକରାପଡା, ମେଟାକାନୀ ଛକ, କୁଶାଦାଦର, ତେନ୍ତୁଲିମହଦା, ଡୁଲେଶ୍ୱର, ଚୁପକାଦାଦାର, ସାହଜଲଥା ଓ ଅନ୍ୟାନ୍ୟ ସ୍ଥାନରେ ବିକ୍ରି ହେଉଛି। ଅବକାରୀ ଓ ପୁଲିସ କିନ୍ତୁ ଚୁପ୍।

# ଜଟେସିଂହାରେ ଏଟିଏମ୍ କେନ୍ଦ୍ର ସ୍ଥାପନ ପାଇଁ ଦାବି

**ସୁବଳୟା,୧୪।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଜଟେସିଂହା ମୁଖ୍ୟ ଛକରେ ଏଟିଏମ୍ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏହି ଅଞ୍ଚଳରେ ଅନେକ ଚାଷୀ ତଥା ଛାତ୍ରଛାତ୍ରୀ ଓ ସରକାରୀ କର୍ମଚାରୀ ରହୁଛନ୍ତି। ଅଞ୍ଚଳର ଲୋକମାନେ ଟଙ୍କା ଉଠାଣ ଲାଗି ସୁବଳୟା ଓ ବୀରମହାରାଜପୁର ବ୍ୟାଙ୍କ ଓ ଏଟିଏମ୍ ଉପରେ ନିର୍ଭର କରିଥାନ୍ତି। ଏଠାକୁ ଟଙ୍କା ଉଠାଣ ପାଇଁ ଗଲେ ସ୍ଥାନୀୟ ଜନସାଧାରଣ ୧୦୦ ଟଙ୍କ ଗସ୍ତ ଖର୍ଚ୍ଚ କରିବାକୁ ବାଧ୍ୟ ହେଇଥାନ୍ତି। ସଦା ସର୍ବଦା ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କୁ ହଠାତ୍ କିଛି ଟଙ୍କା ଦରକାର ପଡିଲେ ୭ କିମି ରାସ୍ତା ଯିବାକୁ ପଡିଥାଏ। ଏଥିପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହି ଛକ ଉପରେ ଜଟେସିଂହା ବ୍ୟତୀତ ଡୁଙ୍ଗୁରୀ, ବଡ଼ଖମାର, ଆନନ୍ଦପୁର, ଚନ୍ଦଳି, ମାଲିସାଇ, କେଉଟିପାଲି, କୁଡାପଡା, ଗୋଧନେଶ୍ୱର, ଫୁଲଚରା, ଏକତାଲ ପ୍ରଭୃତି ଗ୍ରାମର ବହୁ ଲୋକ ନିର୍ଭର କରିଥାନ୍ତି। ଏହି ସମସ୍ୟାକୁ ନେଇ ଅନେକ ଥର ସମ୍ପୃକ୍ତ ବିଭାଗ ତଥା ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ବି ଆଜି ଯାଏ କୌଣସି ସୁଫଳ ମିଳି ପାରିନାହିଁ। ଏହାଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଖାଦେଇଛି।

# ନିମ୍ନମାନର ପୋଲ ନିର୍ମାଣ

**ଶଗଡା,୧୪।୨(ସମିସ):** କଣ୍ଟାମାଳ ନୂତନ ବସ୍ ଷ୍ଟାଣ୍ଡଠାରୁ ବଡ଼ ଛେପାପାଲି ରାସ୍ତାରେ ଏକ ପୋଲ ନିର୍ମାଣ ଚାଲିଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ମାଣ ଚାଲିଥିବା ଏହି ପୋଲଟି ଅତି ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଏହି ପୋଲ ନିର୍ମାଣ ସମୟରେ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଏହି ପୋଲରେ ବ୍ୟବହୃତ ହୋଇଥିବା ଲୁହାରଡ ୧୬ଏମଏମ ବଦଳରେ ୧୦ଏମଏମର ବ୍ୟବହାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ଫଳରେ ପୋଲର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର କୋଟି କୋଟି ଟଙ୍କା ବ୍ୟୟ କରି ରାସ୍ତା ଓ ପୋଲ ନିର୍ମାଣ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାମ ନିମ୍ନମାନର ହେଉଛି। ସରକାରଙ୍କ ଯୋଜନାର ସୁଫଳ ଜନସାଧାରଣ ପାଇବାରୁ ବଞ୍ଚିତ ହେଉଥିବା ବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଖୁବ୍ କମ୍ ଦିନରେ ପୋଲ ଭାଙ୍ଗି ଯାଉଛି। ତେବେ ଘଟଣା ସମ୍ପର୍କରେ କଣ୍ଟାମାଳ ସ୍ଥିତ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କୌଣସି ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉ ନ ଥିବା କହିଥିଲେ।



# ବ୍ୟାଙ୍କରେ ଅଟକିଛି ହିତାଧିକାରୀଙ୍କ ଆବେଦନପତ୍ର

**ଶଗଡ଼ା,୧୪।୨(ସମିସ):** ସରକାର ଗରିବ ଲୋକଙ୍କ ମୁଣ୍ଡ ଉପରେ ଛାତ ଘର ଦେବାକୁ ବିଭିନ୍ନ ଯୋଜନା କରୁଛନ୍ତି। ଏଥିପାଇଁ ମୋ ଘର ଯୋଜନା ପ୍ରଣୟନ କରିଛନ୍ତି। ବ୍ୟାଙ୍କ ମାଧ୍ୟମରେ ହିତାଧିକାରୀଙ୍କୁ ୧ଲକ୍ଷ ୫୦ହଜାର ଟଙ୍କାରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ କିସ୍ତି ହିସାବରେ ଋଣ ଦେବାର ନିୟମ ରଖିଛନ୍ତି। ପ୍ରଥମେ ଅନ୍ ଲାଇନ୍ ମାଧ୍ୟମରେ ହିତାଧିକାରୀ ଆବେଦନ କରୁଛନ୍ତି। ଅନଲାଇନ୍ ଆବେଦନରେ ଘରବାରି ପଟ୍ଟା ଦରକାର ହେଉଛି। ଆବେଦନ ସରିଲେ ନିକଟସ୍ଥ ରାଜସ୍ୱ ନିରୀକ୍ଷକ ଉକ୍ତ ଆବେଦନକାରୀଙ୍କ ଘରକୁ ଆସି ସମସ୍ତ କାଗଜ ପତ୍ର ଯାଞ୍ଚ କରି ବ୍ୟାଙ୍କକୁ ସମସ୍ତ କାଗଜପତ୍ର ପଠାଉଛନ୍ତି। ବୌଦ୍ଧ ଜିଲ୍ଲାର ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ମୋ ଘର ପାଇବାର ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି। କଣ୍ଟାମାଳ ବ୍ଲକରେ ଆଜି ପର୍ଯ୍ୟନ୍ତ ମୋ ଘର ଯୋଜନାରେ କୌଣସି ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଇନି। ଏଣୁ ପ୍ରଶାସନର ଦୁର୍ବଳତା ଯୋଗୁଁ କଣ୍ଟାମାଳ ବ୍ଲକରେ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନା ଶୀଘ୍ର କାର୍ଯ୍ୟକାରୀ ହୋଇପାରୁନି। ଏ ସଂପର୍କରେ କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେ‡ୀଙ୍କୁ ପଚାରିବାରୁ ବ୍ୟାଙ୍କରେ ସମସ୍ତ ଆବେଦନକାରୀଙ୍କ କାଗଜପତ୍ର ଅଟକିଛି। ବ୍ୟାଙ୍କ ଆବେଦନକାରୀଙ୍କୁ ଋଣ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା କହିଛନ୍ତି।

# ବୁଣାକାର ଦକ୍ଷତା ବୃଦ୍ଧି ତାଲିମ ଶିବିର

**ବୌଦ୍ଧ,୧୪।୨(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରରେ ବୁଣାକାରଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେରଙ୍କ ନିର୍ଦ୍ଦେଶରେ ବୁଣାକାର ଦକ୍ଷତା ତାଲିମ ଶିବିର ଉଦ୍‌ଘାଟତ ହୋଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟ ଅତିଥି, ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ବିନାୟକ ପୃଷ୍ଟି, ବୟନ ସୁପର ଭାଇଜର ଟୁନି ମେହେର, କାଉନସିଲର ସନ୍ତୋଷିନୀ ନେପାକ, ଦେବେନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବୟନ ଓ ହସ୍ତତନ୍ତ ବିଭାଗର ପୋହି ଯୋଜନା ମାଧ୍ୟମରେ ୨ ମାସ ଧରି ହେବାକୁ ଥିବା ଏହି ତାଲିମ ଶିବିରରେ ୨୦ ଜଣ ମହିଳା ଓ ପୁରୁଷ ବୁଣାକାରଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ। ତାଲିମ ଗ୍ରହଣକାରୀ ପ୍ରତ୍ୟେକଙ୍କୁ ମାସିକ ୬ ହଜାର ଟଙ୍କା ପ୍ରଦାନ କରାଯିବ ଏବଂ ତାଲିମ ଗ୍ରହଣ ପରେ ଇନଭର୍ଟର, ବିନା ସୁଧରେ ଋଣ, ମାଗଣା ମଙ୍ଗା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ ବୋଲି ବୟନିକା ସଭାପତି ଶ୍ରୀ ମେହେର କହିଛନ୍ତି।

# ସପ୍ତାହରେ ୨ ଥର ପୁରୀ-ସୋନପୁର ଟ୍ରେନ୍ ଚଳାଚଳ ଦାବି

**ସୋନପୁର,୧୪।୨(ସମିସ):** ମନ୍ଦିର ମାଳିନୀ ସୁବର୍ଣ୍ଣପୁରରୁ ଶ୍ରୀକ୍ଷେତ୍ରକୁ ପ୍ରଥମ ଟ୍ରେନ ଗଡିଛି। ଏଠାରୁ ଗଡିଥିବା ପ୍ରଥମ ରେଳରେ ଯାତ୍ରା କରି ଯାତ୍ରୀ ଖୁବ୍ ଉତ୍ସାହିତ। ରେଳମନ୍ତ୍ରୀଙ୍କ ଫୋନ୍ ପାଇ କିଛି ଯାତ୍ରୀଙ୍କ ଖୁସି ଦ୍ୱିଗୁଣିତ ହୋଇ ଯାଇଛି। ରେଳରେ ପୁରୀ ଯାଇଥିବା କିଛି ଯାତ୍ରୀଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଟିକଟ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ୍ ନମ୍ବରକୁ ସିଧାସଳଖ କଲ୍ ଆସିଥିଲା ଏବଂ ରେଳମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ। ସୋନପୁରରୁ ଟ୍ରେନ୍ ଚଳାଚଳ ନେଇ କେତେ ଖୁସି, ଟ୍ରେନ୍‌ରେ ସୁବିଧା ଅସୁବିଧା, ଷ୍ଟେସନ୍‌ରେ ଉପଲବ୍ଧ ବ୍ୟବସ୍ଥା ଏବଂ ସୋନପୁର ପାଇଁ ଆଉ କେଉଁ ଟ୍ରେନ୍ ଆବଶ୍ୟକ ସେ ନେଇ ରେଳମନ୍ତ୍ରୀ ପଚାରି ବୁଝିଥିଲେ। ଏହି ଟ୍ରେନ୍‌ରେ ଯାତ୍ରା କରିଥିବା ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ନିକଟକୁ ମଧ୍ୟ କଲ୍ ଆସିଥିଲା। ତେବେ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା ସଂପର୍କରେ ବିଭିନ୍ନ ଦାବି ଉଠାଇଥିବା ସେ କହିଛନ୍ତି। ଟ୍ରେନରେ ଯାତ୍ରା କରି ପୁରୀରୁ ଫେରିବା ବେଳେ ଲୋକେ ସମସ୍ୟା ଭୋଗୁଥିବାରୁ ରବିବାର କିମ୍ବା ସୋମବାର ପୁରୀରୁ ସୋନପୁରକୁ ଏକ ଟ୍ରେନ ଚଳାଚଳ ପାଇଁ ସେ ଦାବି କରିଥିଲେ। ସେହିପରି ଭୁବନେଶ୍ୱର-ବଲାଙ୍ଗିର ରେଳକୁ ସୋନପୁର ଯାଏଁ ସଂପ୍ରସାରଣ, ସୋନପୁରରୁ ରାୟପୁରକୁ ଟ୍ରେନ ଚଳାଚଳ ଏବଂ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ୍ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ମଧ୍ୟ ସେ ଦାବି କରିଥିଲେ। ସମ୍ବଲପୁର-ଗୋପାଳପୁର ରେଳ ଲାଇନ୍ ସୋନପୁର, କଣ୍ଟାମାଳ ଦେଇ ନିର୍ମାଣ ପାଇଁ ଦାବି ଉଠାଇଥିବା ସେ ସୂଚନା ଦେଇଛନ୍ତି।

## କରଞ୍ଜାକଟା ପଞ୍ଚାୟତରେ ସରକାରୀ ଅର୍ଥର ଦୁରୁପଯୋଗ

# ସୁବିଧା କେନ୍ଦ୍ର ଗୃହ ନିର୍ମାଣ ନିମ୍ନମାନର








**ହରଭଙ୍ଗା,୧୪।୨(ସମିସ):** ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଆସୁଛନ୍ତି। ଲୋକଙ୍କ ସୁବିଧା ପାଇଁ ପଞ୍ଚାୟତ ପରିସରରେ ଜନସାଧାରଣ ସୁବିଧା କେନ୍ଦ୍ର ଗୃହ ନାମରେ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାର ଯୋଗାଇ ଦେଉଛନ୍ତି; କିନ୍ତୁ ସରକାରଙ୍କ ଏଭଳି ମହତ ଯୋଜନାକୁ ଅଣଦେଖା କରିବାରେ ଖୋଦ ଯନ୍ତ୍ରୀ, ଠିକାଦାର ଓ ଜନ ପ୍ରତିନିଧି ମାହିର। ଜନସାଧରଣଙ୍କୁ ଅନ୍ଧାରେ ରଖି ଅର୍ଥ ହଡ଼ପ ଲାଭି ପଛାଉ ନାହାନ୍ତି ଠିକାଦାର ଓ ଯନ୍ତ୍ରୀ। ହରଭଙ୍ଗା ବ୍ଲକ କରଞ୍ଜାକଟା ପଞ୍ଚାୟତ ପରିସରରେ ପଞ୍ଚଦଶ ଅର୍ଥ କମିସନ ଅନୁଦାନରୁ ସୁବିଧା କେନ୍ଦ୍ର ଗୃହ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା; କିନ୍ତୁ କେନ୍ଦ୍ର ନିର୍ମାଣର ୩ମାସ ନ ପୂରୁଣୁ ଘର ଭିତରେ ଲାଗିଥିବା ମାର୍ବଲ ପ୍ଲେଟଗୁଡିକ ଉପୁଡି ପଡି ଏଣେ ତେଣେ ପଡ଼ିଥିଲା; ଯାହାଫଳରେ ନିମ୍ନମାନର କାମକୁ ନେଇ ସ୍ଥାନୀୟ ପଞ୍ଚାୟତବାସୀ ପ୍ରଶ୍ନ ଉଠାଇବା ପରେ ତରବରିଆ ଭାବେ ଯନ୍ତ୍ରୀ ଓ ଠିକାଦାର ପୁନର୍ବାର ନୂତନ ମାର୍ବଲ ଲଗାଇଥଲେ। ଅନ୍ୟପଟେ କାର୍ଯ୍ୟ ସରିଲା ପରେ ନିର୍ମାଣ ହୋଇଥିବା ସୂଚନା ଫଳକକୁ ମାଟି ଉପରେ ଓଲଟାଇ ଦେଇଥିଲେ। ଏହାକୁ ନେଇ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ବୃନ୍ଦାବନ ବେହେରା ତଥ୍ୟ ଲାଗି ଆବେଦନ କରିଥିଲେ। ୪ମାସ ପରେ ବି ଆବେଦନକାରୀଙ୍କୁ ତଥ୍ୟ ମିଳିପାରି ନାହିଁ।

## ନିୟମିତ ଭତ୍ତା ପାଉନାହାନ୍ତି ୮୫ ବର୍ଷୀୟ ବୃଦ୍ଧା

# ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି ନିରାଶ



ବୌଦ୍ଧ,୧୪।୨(ସମିସ): ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନରେ ପ୍ରାୟ ଏକ ବର୍ଷ ହେବ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ବିଭ୍ରାଟ ଦେଖିବାକୁ ମିଳୁଛି। ଏ ନେଇ ଅଭିଯୋଗ କରି ମଧ୍ୟ ହିତାଧିକାରୀ ନିରାଶ ହେଉଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ହରଭଙ୍ଗା ବ୍ଲକ୍ ବନ୍ଧାପଥର ଗ୍ରାମରୁ। ଅଭିଯୋଗ ଅନୁଯାୟୀ ଗ୍ରାମର ଜଣେ ୮୫ ବର୍ଷୀୟା ଶଯ୍ୟାଶାୟୀ ବିଧବା ବୃଦ୍ଧା ସୁଶୀଳା ବାରିକ ଦୀର୍ଘ ଦିନରୁ ଭତ୍ତା ପାଇ ଆସୁଥିଲେ। ଗତ ୬ ମାସ ହେଲା ଆଉ ସେ ଭତ୍ତା ପାଉ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ଡିସେମ୍ବର ୨୬ ତାରିଖରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ବୟସ୍କ ହିତାଧିକାରୀଙ୍କୁ ୨୦୨୨ରୁ ଅତିରିକ୍ତ ୨୦୦ ଟଙ୍କାର ଭତ୍ତା ମଧ୍ୟ ତାଙ୍କୁ ନିୟମିତ ମିଳୁ ନ ଥିବା ଜଣାପଡିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଭତ୍ତା ପ୍ରଦାନ ପାଇଁ ବାରମ୍ବାର କହୁଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି।

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଠେଙ୍ଗୋ ଡ୍ୟାମ୍

ବୀରମହାରାଜପୁର,୧୪।୨(ସମିସ):

ହରିହର ଜୋର ଡ୍ୟାମ ପ୍ରକଳ୍ପ ଇକୋ ଟୁରିଜିମ ଉଦ୍‌ଘାଟିତ ହୋଇଛି। ପ୍ରାକୃତିକ ପରିବେଶ ଭରା ଏହି ଡ୍ୟାମ୍ ଭିତରେ ବନ ବିଭାଗ ଦ୍ୱାରା ବୋଟିଂ ବ୍ୟବସ୍ଥା ହେବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୨୩ ବର୍ଷ ଧରି ଏହି ପ୍ରକଳ୍ପରୁ କେବଳ ଜଳସେଚନ ବ୍ୟବସ୍ଥା କରାଯାଉଛି। ଚଳିତ ବର୍ଷ ବନ ବିଭାଗ ଉଦ୍ୟମ କ୍ରମେ ଏଠାରେ ନୌକା ବିହାର କରାଯାଇପାରୁଛି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଲା ପଞ୍ଚାୟତର ଠେଙ୍ଗୋ ଡ୍ୟାମ୍‌ରେ ବୋଟିଂ ସାଙ୍ଗକୁ ପର୍ଯ୍ୟଟକ ପାହାଡ଼ ତଳେ ବଣ ଭୋଜିର ମଜା ଉଠାଉଛନ୍ତି।










